# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୧୪+୪

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୬ (୧୪+୪=୧୮ ପୃଷ୍ଠା) | Bhubaneswar, Tuesday, March 3/2026 | Page 18 | ₹ 7.00 | RAYAGADA

୫୨ଶ ଭାଗ ୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 99 | ମୂଲ୍ୟ₹୭/-



33001/14/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଅନ୍ତର୍ଜାତୀୟ
## ମହିଳା ଦିବସ
ଉପଲକ୍ଷେ ରାଜ୍ୟର ସମସ୍ତ ମା' ଭଉଣୀଙ୍କୁ
## ଶୁଭକାମନା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଝିଅ ପଢ଼ିବ ବଢ଼ିବ
## ବିକାଶର ବାନା ଉଡ଼ିବ



#BetiBachaoBetiPadhao



OIPR-33001/33001/2/25-26/0002

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

ପୋଲିସ୍ ହେଲ୍ପ ଲାଇନ ୧୧୨ | ମହିଳା ହେଲ୍ପ ଲାଇନ ୧୮୧ | ଚାଇଲ୍ଡ ହେଲ୍ପ ଲାଇନ ୧୦୯୮ | ସୁଭଦ୍ରା ହେଲ୍ପ ଲାଇନ ୧୪୬୭୮

## ଆଜି ଚନ୍ଦ୍ର ଗ୍ରହଣ

**ସୂର୍ଯ୍ୟୋଦୟରୁ ପାକତ୍ୟାଗ**

ଭୁବନେଶ୍ୱର,୨।୩ (ସୁଚିସ୍ମିତା ସାହୁ): ଚଳିତ ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ ମଙ୍ଗଳବାର ସଂଘଠିତ ହେବ। ଅପରାହ୍ନ ୩ଟା ୨୦ରେ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୭ରେ ସର୍ବମୋକ୍ଷ ହେବ। ସମୁଦାୟ ଗ୍ରହଣ ସମୟ ୩ ଘଣ୍ଟା ୨୭ ମିନିଟ ଓ ପୂର୍ଣ୍ଣ ଗ୍ରାସ ସମୟ ପ୍ରାୟ ୫୯ ମିନିଟ୍ ରହିବ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ସୂର୍ଯ୍ୟୋଦୟରୁ ହିଁ ପାକତ୍ୟାଗ ହେବ। ଏହି ସମୟରେ ଶୁଭ କାର୍ଯ୍ୟ, ପୂଜା, ନୂତନ କାମ ଆରମ୍ଭ କରିବା ଅନୁଚିତ ବୋଲି ଶାସ୍ତ୍ରୀୟ ମାନ୍ୟତା ରହିଛି। ଏହି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମିଜୋରାମ, ନାଗାଲାଣ୍ଡ, ମଣିପୁର, ଆସାମ ଓ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳରେ ସଂଘଠିତ ହେବ।

# ଆଜି କ'ଣ କେଉଁଠି

**ବାଲେଶ୍ୱର**
- ରଙ୍ଗ ଖେଳି ଉତ୍ସବ, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପାନୀୟ ଜଳଦାନ ଶିବିର, ସ୍ଥାନ: ପିଞ୍ଛାବଣିଆ ଦୋଳ ମେଳନ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ପିଞ୍ଛାବଣିଆ ଦୋଳ ମେଳା, ସ୍ଥାନ: ଦୋଳ ମେଳନ ପଡ଼ିଆ, ପିଞ୍ଛାବଣିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**
- ଦୋଳ ବିମାନ ଶୋଭାଯାତ୍ରା, ସ୍ଥାନ: ରାମଗଡ଼ ମେଳଣ ପଡ଼ିଆ, ଆଗରପଡ଼ା, ସମୟ: ରାତି ୧୧ଟା।
- ଦୋଳ ମହୋତ୍ସବ, ସ୍ଥାନ: ବ୍ରାହ୍ମଣଗାଁ, ବାସୁଦେବପୁର, ସମୟ: ରାତି ୩ଟା।

**କେନ୍ଦୁଝର**
- ପିଢ଼ପୋଖରୀରେ ପ୍ରଥମ ରାସ ଉତ୍ସବ ଅନୁଷ୍ଠିତ, ସ୍ଥାନ: ବଡ଼କାଳିମାଟି ପଞ୍ଚାୟତ ପିଢ଼ପୋଖରୀ, ଯୋଡ଼ା, ସମୟ: ସକାଳ ୯ଟା।
- ଜିଲା ଗୋଣ୍ଡ ସାଂସ୍କୃତିକ ସମାଜ, ସାଧାରଣ ଅଧିବେଶନ, ସ୍ଥାନ: କେନ୍ଦୁଝର ସଂସ୍କୃତି ଭବନ, ମଣ୍ଡୁଆ, ସମୟ: ପୂର୍ବାହ୍ନ ୧୦ଟା।
- ପିସିସି ସଭାପତିଙ୍କ ଗସ୍ତକୁ ନେଇ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: କେନ୍ଦୁଝର କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ଦୋଳ ମହୋତ୍ସବ ଅବସରରେ ନାମ ସଙ୍କୀର୍ତ୍ତନ, ସ୍ଥାନ: ତାଳପଦା, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ୪୦ତମ ହୋଲି ଉତ୍ସବ,ସ୍ଥାନ:ବେଲଡିହା ଦୋଳ ପଡ଼ିଆ, କପ୍ତିପଦା,ସମୟ:ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଶ୍ରୀ ବାଙ୍କ ବିହାରୀ ମହାପ୍ରଭୁଙ୍କ ପାଲିଙ୍କିରେ ଫଗୁ ଖେଳ ଓ ଗ୍ରାମବାସୀଙ୍କ ବାଇଗଣ ପୋଡ଼ା ଉତ୍ସବ,ସ୍ଥାନ: ଜାମୁବଣୀ ଗ୍ରାମ ହରିମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**
- ପରାବିଲ ଗ୍ରାମର ବାର୍ଷିକ ଦୋଳଯାତ୍ରା ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ପରାବିଲ ମନ୍ଦିର ଛକ, ସମୟ ସନ୍ଧ୍ୟା ୬ଟା ୩୦।
- ଦୋଳ ଉତ୍ସବ ଓ ଅପେରା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ମହୀଧରପୁର, ସମୟ: ରାତି ୮ଟା।
- ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ଦୋଳଯାତ୍ରା, ସ୍ଥାନ: ଆଠମଲ୍ଲିକ ଦୋଳମଣ୍ଡପ, ସମୟ: ରାତି ୧୦ଟା।

**କେନ୍ଦ୍ରାପଡ଼ା**
- ଶ୍ରୀ ଦଧିବାମନଜୀଉ ଦେବଯଜ୍ଞ, ସ୍ଥାନ: ବସନ୍ତ ବଗିଚା, ଦେସାହି, ଆଳି, ସମୟ: ସକାଳ ୭ଟା।
- ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ପଟ୍ଟାମୁଣ୍ଡାଇ କଲେଜ, ପଟ୍ଟାମୁଣ୍ଡାଇ, ସମ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଭଗବଦ୍ ଗୀତା ପରିଚାଳନା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: ଶ୍ରୀ ସିଦ୍ଧ ବେଲବଣ ମହାପୁରୁଷ ପୀଠ, ପାଖାଡ, ନୂଆପଡା, ପଟ୍ଟାମୁଣ୍ଡାଇ, ସମ: ସନ୍ଧ୍ୟା ୬ଟା।
- ଶ୍ରୀ ବଳଦେବଜୀଉଙ୍କ କୃଷ୍ଣ ବଳରାମ ବେଶ, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ନୀଳକଣ୍ଠେଶ୍ୱର ଡ୍ରାମାଟିକ କ୍ଲବ ପକ୍ଷରୁ ୪୫ତମ ନାଟ୍ୟ ଉତ୍ସବର ପ୍ରଥମ ନାଟକ ମୁଁ ଅନାଥ, ତୁ ଜଗନ୍ନାଥ, ସ୍ଥାନ: ଗୋମାତା ପୂଜା ପଡିଆ, ନୁରୁଗାଁ, ରାଜନଗର, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଜାମାଲାଗି ବେଶର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ବାବା ବିଶ୍ୱନାଥ ମନ୍ଦିର ଓ ଶନି ମନ୍ଦିର ଉଦ୍‌ଯାପନ ଦିବସ, ସ୍ଥାନ:ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ, ସମୟ:ସକାଳ ୮ଟା।
- ମଦନ ମୋହନଙ୍କ ପଞ୍ଚମ ବାର୍ଷିକ ଉତ୍ସବ ଓ ଚାଉପଲ୍ଲୀ ମହୋତ୍ସବର ୪ର୍ଥ ଦିବସ, ସ୍ଥାନ:ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ, ସମୟ:ଅପରାହ୍ନ ୩ଟା।
- ଫଗୁ ଦଶମୀ ଅବସରରେ ଦୟଣାଚୋରୀ ବଗିଚାକୁ ବିଜେର ଷଷ୍ଠ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- କପିଳେଶ୍ୱର ଦେବଙ୍କର ଦୋଳ ପରିକ୍ରମା ଉଦ୍‌ଯାପନ ଦିବସ, ସ୍ଥାନ:ଜଗନ୍ନାଥ ପ୍ରସାଦ ପଞ୍ଚାୟତର କୁଆହରା, ସମୟ: ସନ୍ଧ୍ୟା ୭ଟା।
- ଦୋଳପୂର୍ଣ୍ଣିମା ଯାତ୍ରା ଆରମ୍ଭରେ ୨୦ ଶମ୍ଭୁ ମେଳଣ, ସ୍ଥାନ: ଗୋଡିପଡା ଲଡୁକେଶ ମହେଶଙ୍କ ପୀଠ, ସମୟ: ରାତ୍ର ୯ଟା।
- ନୂତନ ପାଞ୍ଜି ପଠନ, ସ୍ଥାନ: ଗୋଡିପଡା ଲଡୁକେଶ ମହେଶଙ୍କ ଦୋଳବେଦୀ, ସମୟ: ରାତ୍ର ୯ଟା ୩୦।
- ନୂତନ ପାଞ୍ଜି ପଠନ, ସ୍ଥାନ: କଣ୍ଟିଲୋ ନୀଳମାଧବଙ୍କ ଦୋଳବେଦୀ, ସମୟ: ରାତ୍ର ୯ଟା ୩୦।

**ସମ୍ବଲପୁର**
- ଗୁଣ୍ଡିଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ଭବନ, ସମୟ : ସନ୍ଧ୍ୟା ୬ଟା ୩୦।
- ହୋଲି ମିଳନ ଓ ସଙ୍ଗୀତ ସନ୍ଧ୍ୟା, ସ୍ଥାନ : ମାରଓ୍ୱାଡି ପଞ୍ଚାୟତ ଧର୍ମଶାଳା, ସମୟ : ରାତି ୮ଟା।
- ସମ୍ବଲପୁର ସେଲେବ୍ରିଟି ଲିଗ୍‌ର ସମୀକ୍ଷା ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।

**ବଲାଙ୍ଗୀର**
- ପାପିଲୋମାଭାଇରସ୍ ଭେକ୍‌ସିନେଶନ୍ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲାଇସିଂହାରେ ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସାପ୍ତାହିକ ବଜାର ପଡ଼ିଆ, ଲୋଇସିଂହା, ସମୟ: ରାତି ୯ଟା।

**ରାଉରକେଲା**
- ୩୧ତମ ନାମଯଜ୍ଞ ଓ ଅଷ୍ଟପ୍ରହର ସମାପନ, ସ୍ଥାନ: ସେକ୍ଟର-୧୯ ଗଜପତି ମାର୍କେଟ, ସମୟ: ଭୋର୍ ୫ଟା
- କାନଭାସ ପକ୍ଷରୁ ରାଉରକେଲା ଦିବସ ପାଇଁ ଗଣଦୌଡ଼, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ସକାଳ ୬ଟା।
- ସରସ ସ୍ୱଦେଶୀ ମେଳା, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ହୋଲି ମିଳନ, ସ୍ଥାନ: ସେକ୍ଟର-୨୦, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ବେନିଆଚାଲ, ବିଜେପୁର, ସମୟ: ସକାଳ ୮ଟା।
- ତୁଳସୀ ଦାସ, ରାମାୟଣ ପାରାୟଣ, ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ, ସମୟ:ସକାଳ ୯ଟା।
- ଲୋକ ଅଧିକାର ଯାତ୍ରା ଖବରଦାତା ସମ୍ମିଳନୀ, ସ୍ଥାନ:ସମତା ଭବନ, ବରଗଡ଼, ସମୟ: ସକାଳ ୯ଟା।
- ନୃସିଂହନାଥ ମନ୍ଦିର ପାଇଁ ଡିଜିଟାଲ ପୋଟାଲ ଆପ ଉଦ୍‌ଘାଟନ, ସ୍ଥାନ: ନୃସିଂହନାଥ ମନ୍ଦିର ପରିସର, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଫଗୁ ଯାତ୍ରା ଉପଲକ୍ଷେ ଦୋଳ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

# ମଧ୍ୟପ୍ରାଚ୍ୟରେ ଫସି ରହିଛନ୍ତି ୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ

## ଫେରିବା ବାଟ ଚାହିଁ ବସିଛନ୍ତି ପରିବାର ଲୋକେ

ପାରଳାଖେମୁଣ୍ଡି,୨।୩(ଗିରିଧାରୀ ପରିଚ୍ଛା)

ବିଶ୍ୱର ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକା, ଇରାନ, ଇସ୍ରାଇଲ ମଧ୍ୟରେ ଏବେ ଯୁଦ୍ଧ ଚାଲିଛି। ଏହି ସ୍ଥିତି ଏବେ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଅନେକ ପ୍ରବାସୀ ଭାରତୀୟ କାତାର, ଇରାନ, ଇରାକ, ଆବୁଧାବୀ, ବେହେରାନ୍ ଆଦି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ରହି ଆସୁଥିଲେ। ସେମାନେ ଏବେ ଭାରତକୁ ଏବଂ ନିଜ ଗାଁକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ଫେରି ନ ପାରି ଫସି ରହିଛନ୍ତି। ଏହି ଭାରତୀୟଙ୍କ ମଧ୍ୟରେ ଓଡ଼ିଶାର ଗଜପତି ଜିଲା ଗୋଷାଣି ବ୍ଲକ ଜଙ୍ଗଲପାଡୁ ଏବଂ ବଡକଟୁରୁ ଗ୍ରାମର ୫୦ରୁ ଅଧିକ ପରିବାରର ସଦସ୍ୟ ରହିଛନ୍ତି। ସେମାନେ ଦାଦନ ଖଟିବାକୁ ଉପରୋକ୍ତ ଅଞ୍ଚଳକୁ ଯାଇ ରହିଛନ୍ତି। ସମ୍ପୃକ୍ତ ପରିବାରର ଲୋକେ ଗାଁରେ ସେମାନଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି। କେଉଁ ପରିବାରର ଭାଇ ତ କେଉଁ ପରିବାରର ସ୍ୱାମୀ, କାହାର ପୁଅ କାହାର ପୁତୁରା ଓ କାହାର ଭଣଜା ଯାଇ ସେଠାରେ ଅଛନ୍ତି।

ବିଭିନ୍ନ ଗଣମାଧ୍ୟମ ଏବଂ ସୋସିଏଲ ମିଡିଆରେ ଯୁଦ୍ଧ ସମ୍ପର୍କିତ ବିଭିନ୍ନ ଫଟୋ ଓ ଭିଡିଓ ଦେଖି ପ୍ରବାସୀ ଓଡ଼ିଆଙ୍କ ପରିବାର ଲୋକେ ସର୍ବଦା ଚିନ୍ତାରେ ରହୁଛନ୍ତି। ଜଙ୍ଗଲପାଡୁ ଗ୍ରାମର ଅଧିକାଂଶ ପରିବାରର ଲୋକେ ଜୀବନ ଜୀବିକା ପାଇଁ ବାହାର ଦେଶକୁ ଯାଇ କାମ କରୁଛନ୍ତି। ଏହି ଗ୍ରାମର ଲୋକେ ନିଜ ପ୍ରିୟଜନଙ୍କ ସହ ଫୋନ୍‌ରେ କଥା ହେଉଛନ୍ତି ସତ, ମାତ୍ର ସେମାନଙ୍କ ମନରେ ଖୁସି ନାହିଁ। ମଧ୍ୟପ୍ରାଚ୍ୟର ଦେଶଗୁଡିକରେ ରହୁଥିବା ପରିବାରଗୁଡିକର ଲୋକଙ୍କୁ ସୁରକ୍ଷାର ସହ ଭାରତକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଜଙ୍ଗଲପାଡୁ ଗ୍ରାମର ଶାନ୍ତିଲତା ଜେନାଙ୍କ ଦୁଇ ପୁଅ ଆବୁଧାବିରେ ରହିଥିବା ବେଳେ ତାଙ୍କ ପୁତୁରା ଓ ଭଣଜା କାତାର ଏବଂ ଇରାନରେ ରହିଛନ୍ତି। ସେହିଭଳି କଲ୍ୟାଣୀ ସାମଲଙ୍କ ପୁଅ ଦୁବାଇରେ ଗୋଟିଏ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ପୁଷ୍ପା ନାୟକଙ୍କ ସ୍ୱାମୀ ଦୁବାଇରେ କୌଣସି କମ୍ପାନୀରେ କାମ କରୁଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଭାଜପା ଦେବ...

ବିଷୟରେ ଆଲୋଚନା ହେଇଥିଲା। ସେଠାରେ ବିଧାୟକମାନଙ୍କ ଦସ୍ତଖତ ରାଜ୍ୟ ସଭା ନିର୍ବାଚନ ଲାଗି ଆଗୁଆ ନିଆଯାଇଥିଲା। ବୈଠକ ବସିବା ଆଗରୁ ରାଜ୍ୟ ସଭା ନିର୍ବାଚନ ନିମନ୍ତେ ଦଳର ୫ ଜଣ ବିଧାୟକ ଯାଇ ୧୬ ସେଟ୍ ଫର୍ମ କିଣିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ, ଜଣେ ରାଜ୍ୟ ସଭା ପ୍ରାର୍ଥୀ ଚାହିଁଲେ, ସର୍ବାଧିକ ୪ ସେଟ୍ ଫର୍ମ ଦାଖଲ କରିପାରିବେ। ହେଲେ ଶାସକ ଦଳ ପ୍ରାର୍ଥୀ ଘୋଷଣା କରିବା ପାଇଁ କାହିଁକି ବିଳମ୍ବ କରୁଛି ତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ମଧ୍ୟ ଉଠୁଛି।

ବିଜେଡି ପକ୍ଷରୁ ୪ର୍ଥ ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯିବା ପରେ ଭାଜପା ନିଷ୍ପତ୍ତି କ'ଣ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। କାରଣ ବିଜେଡି ପକ୍ଷରୁ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାମ କମନ୍(ମିଳିତ) ପ୍ରାର୍ଥୀ ଭାବେ ଘୋଷଣା କରାଯିବା ପରେ ଅନେକ କିଛି ରାଜନୈତିକ ଘଟଣା କଂଗ୍ରେସ ଭିତରେ ମଧ୍ୟ ଦେଖିବାକୁ ମିଳୁଛି। ଦତ୍ତେଶ୍ୱର ସୋମବାର କଂଗ୍ରେସ ବିଧାୟକ ଦଳ ବୈଠକରେ ଯୋଗଦେଇ ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିବା ଲାଗି ନିବେଦନ କରିସାରିଛନ୍ତି। କଂଗ୍ରେସ ବିଧାୟକମାନଙ୍କ ଭିତରେ ଦତ୍ତେଶ୍ୱରଙ୍କୁ ସମର୍ଥନ କରିବା ନେଇ ସେଭଳି କିଛି ବିଶେଷ ଅସନ୍ତୋଷ ଥିବାର ଦୃଶ୍ୟ ଏଯାଏ ଲୋକଲୋଚନକୁ ଆସିନାହିଁ। ଏଭଳି ଘଟଣା ଶାସକ ଭାଜପାକୁ ଅଡୁଆରେ ପକାଇବା ସ୍ୱାଭାବିକ। ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀଙ୍କ ପକ୍ଷରୁ ଦାବି କରାଯାଇଥିଲା, ଯଦି ଦତ୍ତେଶ୍ୱର ସ୍ୱାଧୀନ ଭାବେ ଭାଜପା ବିରୋଧରେ ପ୍ରାର୍ଥୀ ହେବାକୁ ସ୍ଥିର କରାଯିବ ତା'ହେଲେ ତାଙ୍କ ଦଳର ସମର୍ଥନ ରହିବ ବୋଲି ସେ କହିଥିଲେ। କଂଗ୍ରେସ ବିଧାୟକ ଦଳ ବୈଠକ ଶେଷ ହେବାପରେ ମଧ୍ୟ ଦତ୍ତେଶ୍ୱର ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି। ଅନ୍ୟପଟେ ସିପିଆଇ(ଏମ୍)ର ଜଣେ ବିଧାୟକ ବର୍ତ୍ତମାନ ବିଧାନସଭାରେ ଅଛନ୍ତି।

ଭାଜପା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, ବିରୋଧୀ ବିଜେଡି, କଂଗ୍ରେସର ଆଭିମୁଖ୍ୟ ଗଣତନ୍ତ୍ର ପ୍ରତି ସୁସ୍ଥ ପରମ୍ପରା ନୁହେଁ। ବିରୋଧୀ ଦଳ ସବୁ ରାଜନୈତିକ ଦଳ ସହ ଆଲୋଚନା କରିବା ଉଚିତ ଥିଲା ବୋଲି ସେ କହିଛନ୍ତି। ଏଥିରୁ ଗୋଟେ କଥା ବୁଝାପଡୁଛି, ନବୀନ ସ୍ୱାଧୀନ ପ୍ରାର୍ଥୀ ଦେବା ଏବଂ କଂଗ୍ରେସ ସମର୍ଥନ ମିଳିବା ପରେ ରାଜ୍ୟ ସଭା ଆସନରେ ପ୍ରାର୍ଥୀ ଚୟନଠାରୁ ଆରମ୍ଭକରି ଭୋଟିଂ ସରିବା ପର୍ଯ୍ୟନ୍ତ ଶାସକ ଦଳ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ରାଜ୍ୟ ସଭାରେ ବର୍ତ୍ତମାନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ୧୩୩ ଏମ୍‌ପି ରହିଛନ୍ତି। ସେଥିରୁ ଭାଜପା ପାଖରେ କେବଳ ୧୦୩ ଜଣ ଏମ୍‌ପି ଅଛନ୍ତି। ଇଣ୍ଡିଆ ମେଣ୍ଟ ପାଖରେ ବର୍ତ୍ତମାନ ୮୭ ଏମ୍‌ପି ରହିଛନ୍ତି। ତେଣୁ ରାଜ୍ୟ ସଭାରେ ଗୋଟିଏ ଏମ୍‌ପି ଆସନ କମ୍ ମିଳୁ, ଏକଥା ଶାସକ ଦଳର କେନ୍ଦ୍ରୀୟ ନେତାମାନେ ଚାହିଁବେ ନାହିଁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଭାଜପାର ବୈଠକ ସମୟରେ କେତେଜଣ ବିଧାୟକଙ୍କୁ କୁଆଡ଼େ କୁହାଯାଇଥିଲା ଯେ, ଯଦି ସେମାନଙ୍କ ସହିତ ଅନ୍ୟ ଦଳର ବିଧାୟକମାନଙ୍କ ସମ୍ପର୍କ ଭଲ ଅଛି, ତେବେ ତାହା ଆଗକୁ ବଢାଇବା ଦରକାର। ଯିଏ ଯାହାସ୍ତରରେ ସବୁ ପ୍ରକାର ଚେଷ୍ଟା କର ବୋଲି କୁହାଯାଇଛି।

ଏ ପରିସ୍ଥିତିରେ ବିଜେଡି ଏବଂ କଂଗ୍ରେସ ଯଦି ମିଳିତ ଭାବେ ପ୍ରାର୍ଥୀ ଦେଇ ଆଗକୁ ବଢିବେ, ତେବେ ବିଜେଡିର ଗୋଟିଏ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇସାରିବା ପରେ ୪ର୍ଥ ଆସନ ଲାଗି କଂଗ୍ରେସ, ସିପିଆଇ(ଏମ୍)ର ୧୫ ଏବଂ ବିଜେଡିର ୧୮ ବିଧାୟକଙ୍କ ସମର୍ଥନ ସହିତ ସଂଖ୍ୟା ୩୩ ରହିବ। ଜଣେ ରାଜ୍ୟ ସଭା ଯିବା ପାଇଁ ୩୦ ଖଣ୍ଡ ଭୋଟ ଆବଶ୍ୟକ। ଭାଜପା ୨ଜଣ ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦ୍ୱରେ ଜିତାଇ ସାରିବା ପରେ ଶାସକ ଦଳ ପାଖରେ ୩ୟ ଆସନ ଲାଗି ୨୨ ଖଣ୍ଡ ଭୋଟ ରହିବ। ତେବେ କିଭଳି ଭାଜପା ଆଉ ୮ଟି ଭୋଟ ଯୋଗାଡ଼ କରି ୪ର୍ଥ ଆସନଟିକୁ ହାତେଇବ ସେନେଇ ନାନା ଆକଳନ କରାଯାଉଛି। ଅନ୍ୟପଟେ ଶୁଣିବାକୁ ମିଳିଛି, ଦତ୍ତେଶ୍ୱର ହୋତା ରବିବାର ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଭେଟିବାର ଥିଲା। ହେଲେ ଶେଷ ସମୟରେ ଖାର୍ଗେ ଡାକିବା ବେଳକୁ ଦତ୍ତେଶ୍ୱର କୁଆଡ଼େ ବ୍ୟକ୍ତିଗତ ଅସୁବିଧା ଦର୍ଶାଇ ଆଉ ଭେଟି ନ ଥିଲେ। ତେଣୁ କେଉଁ ଅଦୃଶ୍ୟ ଶକ୍ତି ଦତ୍ତେଶ୍ୱରଙ୍କ ଉପରେ ଚାପ ପକାଇଲା ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା।

## ଘନଉଛି ତୈଳ...

ଉପରେ ଇରାନର ଆକ୍ରମଣ ଭୂ-ରାଜନୈତିକ ସ୍ଥିତିକୁ ଜଟିଳ କରିଛି। ଏଭଳି ସ୍ଥିତି ପରୋକ୍ଷରେ ବୈଶ୍ୱିକ ଅର୍ଥନୀତି ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିବା ଆଶଙ୍କା ବଢିଛି। ଇରାନ ସାଉଦି ଆରବ, ୟୁଏଇ, କାତାର, ବାହାରିନ୍, କୁଏତ୍ ଭଳି ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶ ଉପରେ ଆକ୍ରମଣ ଜାରି ରଖିଛି। କିନ୍ତୁ ବିଶ୍ୱର ଅନ୍ୟତମ ପ୍ରମୁଖ ତୈଳ ରିଫାଇନେରି ସାଉଦି ଆରବର ଆରାମ୍‌କୋ ଏବଂ କାତାର୍‌ର ପ୍ରମୁଖ ଏଲଏନ୍‌ଜି ଗ୍ୟାସ୍ ଉତ୍ପାଦନକାରୀ ସଂସ୍ଥା ଉପରେ ସୋମବାର ଇରାନର ଆକ୍ରମଣ ସ୍ଥିତିକୁ ଆହୁରି ଗମ୍ଭୀର କରିଛି। ଏଭଳି ସ୍ଥିତିରେ ସାଉଦି ଆରବ ଇରାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି। ସେହିପରି ୟୁଏଇର ପ୍ରମୁଖ ଭିତ୍ତିଭୂମି ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ସ୍ଥିତିକୁ ଜଟଳ କରିଥିଲା ବେଳେ ୟୁଏଇ ମଧ୍ୟ ଇରାନ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଅଣ୍ଟା ଭିଡିଛି। ଗୋଟିଏ ପଟେ ହୋର୍ମୁଜ୍ ଷ୍ଟ୍ରେଟ୍ ଉପରେ ଇରାନ ପ୍ରତିବନ୍ଧକ ଲଗାଇଥିବାରୁ ୟୁଏଇ, କାତାର୍, କୁଏତ୍, ଓମାନ ଏବଂ ବାହାରିନ୍ ଆଦି ଦେଶଗୁଡିକର ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ଇରାନ ବିରୋଧରେ ସାଉଦି ଆରବ ଏବଂ ୟୁଏଇ ଆଦି ଦେଶ ଯଦି ଆକ୍ରମଣ ଆରମ୍ଭ କରନ୍ତି, ତେବେ ଉପସାଗରୀୟ ଅଞ୍ଚଳରୁ ଅନ୍ତର୍ଜାତୀୟ ବଜାରକୁ ତୈଳ ଯୋଗାଣ ଏକପ୍ରକାର ଠପ୍ ହୋଇଯିବ ବୋଲି ଆଶଙ୍କା ବଢିଛି। ଏଭଳି ସ୍ଥିତିରେ ସୋମବାର ବୈଶ୍ୱିକ ପୁଞ୍ଜି ବଜାରଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ତୈଳ ବଜାର ଭାରି ମାତ୍ରାରେ ପ୍ରଭାବିତ ହୋଇଛି। ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟରେ ୬ ପ୍ରତିଶତ ବୃଦ୍ଧି ଘଟି ବ୍ୟାରେଲ୍ ପିଛା ମୂଲ୍ୟ ୭୭.୦୮ ଡଲାର ଛୁଇଁଛି। ସେହିପରି ଡବ୍ଲ୍ୟୁଟିଆଇ( ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍) ମୂଲ୍ୟ ମଧ୍ୟ ୫.୫ ପ୍ରତିଶତ ବୃଦ୍ଧିରେ ବ୍ୟାରେଲ ପିଛା ମୂଲ୍ୟ ୭୦.୭୧ ଡଲାରରେ ପହଞ୍ଚିଛି। ବର୍ତ୍ତମାନ ସ୍ଥିତିକୁ ନେଇ ଆଗାମୀ ସପ୍ତାହକ ମଧ୍ୟରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ଟପିଯିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଦେଶୀ ପୁଞ୍ଜି ନିବେଶକାରୀ ବିଶ୍ୱର ପ୍ରମୁଖ ଷ୍ଟକ୍ ଏକ୍ସଚେଞ୍ଜଗୁଡିକରୁ ସୋମବାର ବିପୁଳ ପରିମାଣର ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ଏହାଦ୍ୱାରା ବୈଶ୍ୱିକ ସ୍ତରରେ ନିବେଶ କ୍ଷେତ୍ର ମଧ୍ୟ ଭାରି ମାତ୍ରାରେ ପ୍ରଭାବିତ ହେବାର ଆଶଙ୍କା ବଢିବାରେ ଲାଗିଛି। ସେପଟେ ସୁନା ଏବଂ ରୁପା ମୂଲ୍ୟ ମଧ୍ୟ ପୁଣି ଆକାଶଛୁଆଁ ହେବା ଆଶଙ୍କା ବଢାଇଛି। ନିବେଶକମାନେ ଯୁଦ୍ଧ ପ୍ରଭାବିତ ଷ୍ଟକ୍‌ବଜାରରୁ ପୁଞ୍ଜି ପ୍ରତ୍ୟାହାର କରି ଏବେ ସୁନା ଏବଂ ରୁପାରେ ନିବେଶ କରିବାକୁ ଶ୍ରେୟ ମଣୁଥିବାରୁ ଏହି ଦୁଇଟି ଧାତୁର ଚାହିଦା ବଢିଛି। ସୋମବାର ଏମ୍‌ସିଏକ୍ସ ଏକ୍ସଚେଞ୍ଜରେ ସୁନା ମୂଲ୍ୟ ଅନ୍ୟୂନ ୫ ପ୍ରତିଶତ ବୃଦ୍ଧି ଘଟିଛି।

ଇରାନର ସର୍ବୋଚ୍ଚ ନେତା ଆୟୋତେଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ଆମେରିକା ଏବଂ ଇସ୍ରାଏଲର ଲକ୍ଷ୍ୟ ସାଧନ ହୋଇସାରିଥିବା ଆକଳନ କରାଯିବା ସହିତ ଯୁଦ୍ଧ ବିରତି ପାଇଁ ବାଟ ଖୋଲିପାରେ ବୋଲି ଆଶା କରାଯାଉଥିଲା। କିନ୍ତୁ ଆମେରିକା ସେନା ଆହୁରି ୪ ସପ୍ତାହ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇସାରିଥିବା କଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର କହିଛନ୍ତି। ସେପଟେ ଇରାନ ମଧ୍ୟ ନିଜ ଆଭିମୁଖ୍ୟରୁ ହଟିବା ଦେଖାଯାଉ ନାହିଁ। ଖାମେନେଇଙ୍କ ଅବର୍ତ୍ତମାନରେ ମଧ୍ୟ ଇରାନ ଆମେରିକା ବିରୋଧରେ ଗୋଟିଏ ପରେ ଗୋଟିଏ ଦେଶକୁ ଟାର୍ଗେଟ କରିଚାଲିଛି। ଏଭଳି ସ୍ଥିତି ଆଗକୁ ବୈଶ୍ୱିକ ଅର୍ଥନୀତି ପାଇଁ ଭୟଙ୍କର ସଙ୍କଟ ସୃଷ୍ଟି କରିବ ବୋଲି ଆକଳନ କରାଯାଉଛି।

## 'କମନ୍' ପ୍ରାର୍ଥୀ...

ଦତ୍ତେଶ୍ୱରଙ୍କୁ ସବୁ ଦଳ ସମର୍ଥନ କରନ୍ତୁ ବୋଲି ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ। ଉକ୍ତଦିନ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ଏହାକୁ ସମର୍ଥନ ଜଣାଇଥିଲେ। ସୋମବାର ରାଜ୍ୟ କଂଗ୍ରେସ ଏନେଇ ସ୍ପଷ୍ଟ ଭାବେ ସମର୍ଥନ ଜଣାଇଛି। ଏହାପୂର୍ବରୁ ଦିନତମାମ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଦଳ ପକ୍ଷରୁ ବୈଠକ ବସି ମାନସମନ୍ଥନ ହେବା ପରେ ଡା. ହୋତାଙ୍କୁ 'କମନ୍' ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି।

ବିଜେଡି ଓ କଂଗ୍ରେସ ପକ୍ଷରୁ ଦତ୍ତେଶ୍ୱରଙ୍କୁ ମିଳିତ ପ୍ରାର୍ଥୀ ଘୋଷଣା ହେବା ପରେ ଏବେ ରାଜ୍ୟ ରାଜନୀତି ରୋଚକ ମୋଡ଼ ନେଇଛି। ସଂଖ୍ୟା ଗଣିତରେ ବିଜେଡିର ୫୦ଜଣ ବିଧାୟକଙ୍କ ମଧ୍ୟରୁ ୨ଜଣ ନିଲମ୍ବନ ହୋଇଥିବାବେଳେ ହାତରେ ୪୮ ବିଧାୟକ ରହିଛନ୍ତି। ସେହିପରି କଂଗ୍ରେସର ନିଜସ୍ୱ ୧୪ଜଣ ବିଧାୟକ ରହିଥିବାବେଳେ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ କଂଗ୍ରେସ ସମର୍ଥକ ରହିଛନ୍ତି। ଯଦି ସମସ୍ତ ବିଧାୟକଙ୍କୁ ମିଶାଯାଏ ତେବେ ସହଜରେ ଦତ୍ତେଶ୍ୱର ନିର୍ବାଚିତ ହୋଇପାରିବେ। ହେଲେ କଥା ଏଇଠାରେ ଶେଷ ହେଉନାହିଁ ବୋଲି ମନେ ହେଉଛି। କାରଣ ସୋମବାର ବୈଠକରେ ପିସିସି ସଭାପତି ଦାସଙ୍କ ଉପସ୍ଥିତିରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଅଧକ୍ଷତା କରିଥିବାବେଳେ ବିଧାୟକ ରମେଶ ଚନ୍ଦ୍ର ଜେନା ଏବଂ ସୋଫିଆ ଫିର୍‌ଦୋସ୍ ଉପସ୍ଥିତ ନ ଥିଲେ। ଏହାସହ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ବୈଠକରେ ଯୋଗଦେଇ ନ ଥିଲେ। ଅନ୍ୟପକ୍ଷରେ ବୈଠକ ପରେ କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗଙ୍କ ପ୍ରତିକ୍ରିୟା ଦଳରେ ଅସନ୍ତୋଷକୁ ପଦାରେ ପକାଉଛି। ଗମାଙ୍ଗ କହିଛନ୍ତି, ରାଜ୍ୟ ସଭା ପ୍ରାର୍ଥୀ କିଏ ଚିହ୍ନିନାହିଁ। ବର୍ତ୍ତମାନ ସୁଦ୍ଧା କିଛି 'କ୍ଲିୟର ପିକ୍ଚର' ନାହିଁ। ଯେତେବେଳେ ନୋଟିଫିକେଶନ ହେବ ଏବଂ ଦଳ ଆମକୁ କହିବ ଯେ ଇଏ ଆମର ପ୍ରାର୍ଥୀ, ତାଙ୍କୁ ଭୋଟ ଦିଅନ୍ତୁ, ତା'ପରେ ଆମେ ମାନିବୁ। ପିସିସି ଯାହା ନିଷ୍ପତ୍ତି ନେବ। ଏ ପର୍ଯ୍ୟନ୍ତ ଜାଣିନାହିଁ ଯେ, ଦତ୍ତେଶ୍ୱର ଆମର ରାଜ୍ୟ ସଭା ପ୍ରାର୍ଥୀ ହେବେ କି କ'ଣ ବୋଲି ଗମାଙ୍ଗ କହିଛନ୍ତି। ବିଧାୟକମାନଙ୍କୁ ନେଇ ରାଜ୍ୟ ସଭା ନିର୍ବାଚନ ଆଲୋଚନାର ଆରମ୍ଭ ଦିନରୁ ଏଭଳି ଭିନ୍ନ ମତକୁ ଲକ୍ଷ୍ୟ କରାଯାଇଛି।

ବୈଠକରେ ପିସିସି ସଭାପତି ଓ କାଡ଼ାମଙ୍କ ସମେତ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଏଆଇସିସି ସମ୍ପାଦକ ମୟୂର ଜୟକୁମାର, ବିଧାୟକ ତାରାପ୍ରସାଦ ବାହିନୀପତି, ଡା. ସି. ଏସ୍. ରାଜନ୍ ଏକ୍କା, ମଙ୍ଗୁ ଖିଲ, ଦାଶରଥି ଗମାଙ୍ଗ, ପବିତ୍ର ସାଉଁନ୍ତା, ଅଶୋକ ଦାସ, କାଡ୍ରାକା ଅପାଲସ୍ୱାମୀ, ସାଗର ଦାସ, ପ୍ରଫୁଲ୍ଲ ପ୍ରଧାନୀ, ସତ୍ୟଜିତ ଗମାଙ୍ଗ ଓ ନୀଳମାଧବ ହିକକା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଡା. ଦତ୍ତେଶ୍ୱର ହୋତା ମଧ୍ୟ ବୈଠକରେ ଉପସ୍ଥିତ ରହିବା ସହ ଭୋଜନରେ ଆପ୍ୟାୟିତ ହେଉଥିବା ଦେଖିବାକୁ ମିଳିଛି।

କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି, ଆଜିର ବୈଠକରେ ରାଜ୍ୟ ସଭା ନିର୍ବାଚନକୁ ନେଇ ଶାନ୍ତିପୂର୍ଣ୍ଣ ଆଲୋଚନା ହୋଇଛି। କଂଗ୍ରେସ ପ୍ରଥମରୁ ୫ଜଣ ନିର୍ବିବାଦୀୟ ପ୍ରାର୍ଥୀଙ୍କୁ ଛିଡ଼ା କରିବାପାଇଁ ଆଗଭର ହୋଇଥିଲା। ସେଥିରେ ଦତ୍ତେଶ୍ୱରଙ୍କ ନାମ ମଧ୍ୟ ରହିଥିଲା। ତେବେ କଂଗ୍ରେସ ଏକ ଜାତୀୟ ଦଳ। ପ୍ରାର୍ଥୀ ଘୋଷଣା ହେବା ପୂର୍ବରୁ ବିଜେଡି ଦତ୍ତେଶ୍ୱରଙ୍କ ଭଳି ଜଣେ ଅନ୍ତର୍ଜାତୀୟ ଚିକିତ୍ସକଙ୍କୁ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଆଜିର ବୈଠକର ନିଷ୍ପତ୍ତିକ୍ରମେ ଦତ୍ତେଶ୍ୱରଙ୍କୁ କଂଗ୍ରେସ ମଧ୍ୟ କମନ ପ୍ରାର୍ଥୀ ଭାବେ ଘୋଷଣା କରିବାକୁ ନିଷ୍ପତ୍ତି ନେଇଛି। ତେବେ ବିଧାୟକ ରମେଶ ଜେନା ଏବଂ ବିଧାୟିକା ସୋଫିଆଙ୍କ ଜରୁରୀ କାର୍ଯ୍ୟ ଥିବାରୁ ସେମାନେ ଅନୁପସ୍ଥିତ ଥିଲେ। କିନ୍ତୁ ସେମାନଙ୍କର ଦତ୍ତେଶ୍ୱରଙ୍କ ପ୍ରତି ସମର୍ଥନ ରହିଥିବା ଦାସ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା କାଡାମ କହିଛନ୍ତି, ଆଜିର ବିଧାୟକ ଦଳ ବୈଠକରେ ଦତ୍ତେଶ୍ୱର ଯୋଗଦେଇ ସମର୍ଥନ ମାଗିଥିଲେ। ସେ ଜଣେ ସୁନାମଧନ୍ୟ ଚିକିତ୍ସକ ହୋଇଥିବାରୁ ପିସିସି ସଭାପତି ତାଙ୍କୁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାବାଦ୍ ଏଆଇସିସିର ମଧ୍ୟ ସମ୍ମତି ରହିଛି। ତେଣୁ ଦତ୍ତେଶ୍ୱର କଂଗ୍ରେସର 'କମନ' ପ୍ରାର୍ଥୀ ହେବେ। ତାଙ୍କର ନାମାଙ୍କନ ପତ୍ର ଦାଖଲ ଦିନ ଏବଂ ନିର୍ବାଚନରେ କଂଗ୍ରେସର ସମସ୍ତ ବିଧାୟକ ଉପସ୍ଥିତ ରହିବାକୁ ଦଳ ପକ୍ଷରୁ କୁହାଯାଇଛି। ବିଧାୟକ ରମେଶ ଜେନା ଖୁବଶୀଘ୍ର ଭୁବନେଶ୍ୱରରେ ପହଞ୍ଚି ପିସିସି ସଭାପତିଙ୍କୁ ଭେଟି ତାଙ୍କ ସମ୍ମତି ଜଣାଇବେ ବୋଲି କାଡ଼ାମ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ବୈଠକ ପରେ କମନ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତା କହିଛନ୍ତି, 'ସମସ୍ତ ସଦସ୍ୟଙ୍କୁ ଭେଟିବାର ସୁଯୋଗ ପାଇଲି। କଂଗ୍ରେସ ହାଇକମାଣ୍ଡ ଓ ଦଳ ପାଖରେ ମତେ ପକ୍ଷ ରଖିବାର ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ। ସମସ୍ତଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବି। ମୋର ବିଶ୍ୱାସ ଅଛି, ନିବେଦନ କରୁଛି, ହେଲେ ନିଷ୍ପତ୍ତି ତାଙ୍କର। ପେସାରେ ଡାକ୍ତର, ସୁଯୋଗ ମିଳିଲେ ସେବା କରିବି।'

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମଡ଼ା ଗାଈ ଧରଷ**
**ମା' ହୋଇଛି ନା ବାପ ହୋଇଛି**
**ଜାଣିବି ଦେହ ପରାସ ।**

ପିତାମାତା ବହୁ କଷ୍ଟ କରି ପିଲାଙ୍କ ଲାଳନପାଳନ କରିଥାନ୍ତି। ପିଲାଙ୍କୁ ଛୋଟରୁ ବଡ଼ କରାଇବାରେ ବହୁ କଷ୍ଟ ସହିଥାନ୍ତି। ତାଙ୍କ ଅଳି ଅର୍ଦ୍ଦଳି ପୂରଣ କରାଇବାରେ ଦିନ ରାତି ଏକ କରି ଦେଇଥାନ୍ତି। ପିଲାଙ୍କୁ ସମ୍ଭାଳିବା ଏକ ଦାୟିତ୍ୱର କାର୍ଯ୍ୟ ହୋଇଥାଏ। ପରୋକ୍ଷରେ ଯିଏ ଦାୟିତ୍ୱ ମୁଣ୍ଡାଏ ସେ ହିଁ କେବଳ କଷ୍ଟ କ'ଣ ଜାଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଦିଆ ଗୋସେଇଁ**
**ଚାଳ ସନ୍ଧିରୁ କଥା କାଢ଼ନ୍ତି ।**

କେତେଜଣ ଲୋକ ଦେବା ନାଁ କଥା ଶୁଣିଲେ ମୁହଁ ଫୁଲାଇଥାନ୍ତି। କ'ଣ କେମିତି କଲେ ଏଥିରୁ ବର୍ତ୍ତିଯାଇହେବ ସେନେଇ ପ୍ରସ୍ତୁତି ଚଳେଇଥାନ୍ତି। ଦେବାର ମନୋବୃତ୍ତି ରଖୁ ନ ଥିବା ଲୋକ କୌଣସି ଛଳର ଆଶ୍ରୟ ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାପଗ୍ରହଯୁକ୍ତ ଚନ୍ଦ୍ର କୋଣଭାବରେ ରହିଥିବାରୁ ପାରିବାରିକ ସ୍ତରରେ ସାଧାରଣ ବ୍ୟତିକ୍ରମ ବେଶି କ୍ଷଣ ତିଷ୍ଠିରହିବ ନାହିଁ। କଥା ପ୍ରସଙ୍ଗରେ ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ଶ୍ରବଣ କରି ସାମୟିକ ବ୍ୟସ୍ତତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଗୃହ ଭୂମି ସମ୍ପର୍କିତ ଆଲୋଚନା ପ୍ରାୟତଃ ଅନୁକୂଳ ରହିବ।

**ବୃଷ** କର୍ମଭାବର ଶୁଭତ୍ୱ ଆପଣଙ୍କୁ ନୂତନ ଦାୟିତ୍ୱ ପ୍ରଦାନ ପୂର୍ବକ ସମ୍ମାନଜନକ ସ୍ଥିତିରେ ଅବସ୍ଥାପିତ କରାଇବ। ସ୍ନାୟବିକ ଦୁର୍ବଳତା ଅନୁଭବ ସହ ସୁଯୋଗ ପାଇଲେ ମଧ୍ୟ ସଦୁପଯୋଗ କରିବା କଷ୍ଟକର ହୋଇପାରେ। ଦୂରଯାତ୍ରା, ଶିଳ୍ପ ଏବଂ ବାଣିଜ୍ୟ, ବ୍ୟବସାୟ ଓ ବିବାଦୀୟ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ବୁଧ କର୍ମାଧିପଙ୍କ ନକ୍ଷତ୍ରରେ ରହିଥିବାରୁ କାର୍ଯ୍ୟ ହାସଲ ସକାଶେ ଅନ୍ୟମାନଙ୍କ ସାହାଯ୍ୟ, ସହଯୋଗ ପାଇପାରିବେ। ଆନୁଷ୍ଠାନିକ କାମ କିମ୍ବା ଆଲୋଚନା ପରିସରରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଜମିଜମା କିମ୍ବା ଅର୍ଥ ସମ୍ପର୍କିତ ସମସ୍ୟାକୁ ନେଇ ଅନ୍ୟମନସ୍କ ରହିପାରନ୍ତି।

**କର୍କଟ** କର୍ମାଧିପ ଉଚ୍ଚସ୍ଥ ହୋଇ ଅଷ୍ଟମସ୍ଥ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନ କିମ୍ବା ବିଳାସବ୍ୟସନ ଦିଗକୁ ମନ ଢଳିପାରେ। ପରିବାର ସହ ଆଲୋଚନାକ୍ରମେ ମାଙ୍ଗଳିକ କାର୍ଯ୍ୟ ସକାଶେ ବ୍ୟୟ ଅଟକଳ କରିବେ। ରାଜନୀତି, ସଂଗଠନ, ସଭାସମିତି ଏବଂ ବାଣିଜ୍ୟରେ ଉଚ୍ଚଫଳ ପ୍ରାପ୍ତି ହେବ।

**ସିଂହ** ବ୍ୟୟାଧିପ ରାଶିସ୍ଥ ଯୋଗୁ ଖର୍ଚ୍ଚାନ୍ତ ହୋଇ ଦୂରଯାତ୍ରା କରିପାରନ୍ତି। କାର୍ଯ୍ୟାରମ୍ଭ ସକାଶେ ପରିବାରର ସମର୍ଥନ ହାସଲ କରିବେ। ରାଶ୍ୟାଧିପ ଏକାଧିକ ଗ୍ରହଙ୍କ ସଂଯୋଗ ହେତୁ ସ୍ୱାସ୍ଥ୍ୟରେ ଉନ୍ନତି, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆଶା ପୂରଣ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ଜମିଜମା କାରବାର କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ।

**କନ୍ୟା** କର୍ମସ୍ଥାନରେ ବୃହସ୍ପତି ରାଶ୍ୟାଧିପତିଙ୍କୁ ଅବଲୋକନ କରୁଥିବାରୁ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ତୀର୍ଥାଟନ ସକାଶେ ମାର୍ଗ ଉନ୍ମୁକ୍ତ କରିପାରନ୍ତି। ସ୍ୱସ୍ଥାନହନ୍ତା ବୃହସ୍ପତି ଭ୍ରାତୃ ସମ୍ପର୍କ ହାନି, ପଡ଼ୋଶୀଙ୍କ ସହ କଳହ, ଏବଂ ଦୁଃସାହସିକ କାମରେ ପ୍ରବୃତ୍ତ କରାଇବ। ସମ୍ପର୍କୀୟଙ୍କ ନିକଟରୁ ଧୋକା ଖାଇପାରନ୍ତି।

**ତୁଳା** ଧନ ସପ୍ତମାଧିପତି ମଙ୍ଗଳ କୋଣଭାବସ୍ଥ ଯୋଗୁ ଉନ୍ନତ ବ୍ୟବସାୟିକ ସ୍ଥିତି ଏବଂ ଜମିଜମା କାରବାରରେ ଉନ୍ନତ ଫଳ ପାଇବେ। ସଭାସମିତିରେ ଯୁକ୍ତିତର୍କ ମାଧ୍ୟମରେ ନିଜର ମତ ସାବ୍ୟସ୍ତ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସମର୍ଥନରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ବିଛା** ବୃହସ୍ପତିଙ୍କ ଧନସ୍ଥାନ ପ୍ରତି ଦୃଷ୍ଟି ଆପଣଙ୍କ ଆଶା ଓ କାମନାକୁ ପୂରଣ କରିବାରେ ସାହାଯ୍ୟ କରିବ। କଠିନ ଶ୍ରମ ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିକୁ ସୁଧାରି ନେଇ ସଫଳତା ପାଇପାରିବେ। ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହି ନ ପାରେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବାର ସୂଚନା ରହିଛି।

**ଧନୁ** ତୃତୀୟସ୍ଥ ଗ୍ରହ ପ୍ରଭାବରୁ ପଡ଼ୋଶୀଙ୍କ ସ୍ନେହ, ଆଦର ଏବଂ ସହକର୍ମୀଙ୍କ ସୌଜନ୍ୟତା ମନୋବଳ ବୃଦ୍ଧିରେ ସହାୟକ ହେବ। ଆଜି ବକେୟା ଅର୍ଥ, ମିଷ୍ଟାନ୍ନ ଭୋଜନ, ବସ୍ତ୍ର ଭୂଷଣାଦି ଲାଭ କରିବାର ସୌଭାଗ୍ୟ ଅର୍ଜନ କରିବେ। କୌଣସି ଆଗନ୍ତୁକଙ୍କ ସହ ତର୍କବିତର୍କ ଜନିତ ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ।

**ମକର** ଆଜିର ଗ୍ରହସ୍ଥିତି ଶୁଭଖବର ଏବଂ ଅଭିଳାଷ ପୂରଣର ସୂଚନା ଦେବ। ଉଚ୍ଚସ୍ଥ ମଙ୍ଗଳ ଆପଣଙ୍କୁ ମାଙ୍ଗଳିକ କାମ, ଆନୁଷ୍ଠାନିକ ସହଯୋଗ, କାର୍ଯ୍ୟସିଦ୍ଧି ହେତୁକ ଶୁଭଫଳ ପ୍ରଦାନ କରିବ। ଶନି କ୍ଷେତ୍ରସ୍ଥ ରବି ଯେକୌଣସି ପରିସ୍ଥିତିକୁ ସୁଧାରି ନେବାରେ ସମର୍ଥ ହେବେ। ବନ୍ଧୁଙ୍କ ଅନୁରୋଧକ୍ରମେ ଜନହିତକର କାର୍ଯ୍ୟରେ ଲିପ୍ତ ରହିବେ।

**କୁମ୍ଭ** ରାଶିରେ ପଞ୍ଚଗ୍ରହଙ୍କ ସ୍ଥିତି କର୍ମକ୍ଷେତ୍ରରେ ମର୍ଯ୍ୟାଦାଜନକ ସ୍ଥିତିରେ ପଦାର୍ପଣ କରାଇପାରନ୍ତି। ସରକାରୀ ସହାୟତା, ଉପରିସ୍ଥଙ୍କ ଅନୁକମ୍ପା ସ୍ଥଗିତ କାମକୁ ଅଗ୍ରଗାମୀ କରାଇବ। ଅତୀତକୁ ଧରିବସିଲେ ସୁବିଧା, ସୁଯୋଗ ହରାଇବାକୁ ପଡ଼ିପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାର ସୁଯୋଗ ମିଳିବ।

**ମୀନ** ଭାଗ୍ୟାଧିପ ଦ୍ୱାଦଶସ୍ଥ ଯୋଗୁ ଆଜି ଆପଣ ଯେଉଁ କାମରେ ହାତ ଦେବେ ସଫଳତା ପାଇବା କଷ୍ଟକର ହେବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇପାରନ୍ତି। ଆଇନ ବିଭାଗର ଗ୍ରହ ଶନି ରାଶିରେ ରହିଥିବାରୁ କଚେରି ମାମଲାରେ ବାଇଦା ପଡ଼ିପାରେ। ଆଜିର ଯାତ୍ରା ଲକ୍ଷ୍ୟ ପୂରଣ ପାଇଁ ଅନୁକୂଳ ସ୍ଥିତି ଉତ୍ପନ୍ନ କରିବ।

ଆଜି ମାର୍ଚ୍ଚ ୩ ତାରିଖ, ରାଷ୍ଟ୍ରୀୟ ପ୍ରତିରକ୍ଷା ଦିବସ, ବିଶ୍ୱ ବନ୍ୟପ୍ରାଣୀ ଦିବସ, ଦୋଳପୂର୍ଣ୍ଣିମା, ମଙ୍ଗଳବାର, ଦୋଳଯାତ୍ରା, ଶ୍ରୀମନ୍ଦିରରେ ରାଜବେଶ, ବସନ୍ତରାସ, ବସନ୍ତ ଉତ୍ସବ, ଶ୍ରୀ ଚୈତନ୍ୟଙ୍କ ଜୟନ୍ତୀ। ରାଶିନକ୍ଷତ୍ର- ଦିବା ଘ.୦୭।୩୧ମି. ଗତେ ପୂର୍ବାଫାଲଗୁନୀ/ସିଂହ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୪।୦୩ମି. ଗତେ ଘ.୧୦।୪୮ମି. ମଧ୍ୟେ, ଘ.୦୧।୦୮ମି. ଗତେ ଘ.୦୧।୨୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨/୫୩ମି. ଗତେ ଘ.୦୪।୨୧ମି. ମଧ୍ୟେ ରାହୁକାଳ।

# ବିଭିନ୍ନ ସମସ୍ୟା ନେଇ ଜିଲାପାଳ କାର୍ଯ୍ୟାଳୟ ଘେରିଲା ଆପ୍

ରାୟଗଡ଼ା,୨।୩(ଆଶିଷ ରଞ୍ଜନ ପଣ୍ଡା)



ଆପ୍ ନେତା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାୟଗଡ଼ା ଜିଲାର ବିଭିନ୍ନ ସମସ୍ୟାକୁ ନେଇ ଆମ୍ ଆଦମୀ ପାର୍ଟି ପକ୍ଷରୁ ସୋମବାର ବ୍ଲକ୍ କାର୍ଯ୍ୟାଳୟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ଦଳର ଜିଲା ଆବାହକ ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ରାୟଗଡ଼ା ରେଳ ଷ୍ଟେଶନଠାରୁ ଶୋଭାଯାତ୍ରାରେ ବାହାରି ପ୍ରଥମେ ବ୍ଲକ ଓ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ରାୟଗଡା ଜିଲାରେ ଦୁର୍ନୀତି ବଢି ଚାଲିଛି । ଏବେ ମଧ ରାୟଗଡା ଜିଲାରେ ମୌଳିକ ସୁବିଧା ଅପହଞ୍ଚ ରହିଛି । ରାସ୍ତା, ବିଜୁଳି, ପାଣି, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଆପ୍ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି। ରାୟଗଡା ଜନସାଧାରଣ ବିକଳ୍ପ ଖୋଜୁଛନ୍ତି । ଆଗାମୀ ଦିନରେ ରାୟଗଡ଼ା ଜିଲାରେ ଏହି ବିକଳ୍ପ ଆମ ଆଦମୀ ପାର୍ଟି ହେବ ବୋଲି ନିଶିକାନ୍ତ କହିଛନ୍ତି।ରାଜ୍ୟ ସରକାର ଚାଷୀଙ୍କୁ ଅଣଦେଖା କରୁଥିବା ବେଳେ ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା ୩ଶହ ୟୁନିଟ ମାଗଣା ବିଜୁଳି କେବେ ମିଳିବ ବୋଲି ସେ ପ୍ରଶ୍ନ କରିଥିଲେ।

ସେହିପରି ରାୟଗଡା ଜିଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିବା ବେଳେ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ପାଳନ କଲେନି ବୋଲି ଅଭିଯୋଗ କରିଛନ୍ତି ଆପ୍ ନେତା। ଅନ୍ୟପଟେ ସଦର ବ୍ଲକର ବିଡିଓ ଭାଜପା ନେତାଙ୍କୁ ସୁହାଇଲା ଭଳି ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ବିଭିନ୍ନ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦେଇଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ଜିଲା ଆବାହକ ଜନ୍ମେଜୟ ସ୍ୱାଇଁ ଦାବି କରିଛନ୍ତି। ତେଣୁ ଏ ନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ରାଜ୍ୟସ୍ତରୀୟ ନେତା ଯୋଗଦେଇଥିଲେ।

# ପିଲାଙ୍କୁ କପି ଦେଉଥିବାବେଳେ ୩ ଶିକ୍ଷକ ଧରାପଡ଼ିଲେ

ରାୟଗଡ଼ା,୨।୩(ଆଶିଷ ରଞ୍ଜନ ପଣ୍ଡା)

## ଶିକ୍ଷା ବିଭାଗ ପକ୍ଷରୁ ଚାନ୍ଦିଲି ଥାନାରେ ଏତଲା

ରାୟଗଡ଼ା ଜିଲା କୋଲନରା ବ୍ଲକ କୈଳାସପୁର ସରକାରୀ ହାଇସ୍କୁଲରେ ଦଶମ ବୋର୍ଡ ପରୀକ୍ଷା ବେଳେ ବାହାର ସ୍କୁଲର ୩ ଜଣ ଶିକ୍ଷକ ପିଲାଙ୍କୁ କପି ଦେଉଥିବାବେଳେ ଫ୍ଲାଇଂ ସ୍କ୍ୱାର୍ଡ ହାତରେ ଧରାପଡ଼ିଛନ୍ତି। ରାୟଗଡ଼ା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନିଙ୍କ ନେତୃତ୍ୱରେ ଫ୍ଲାଇଂ ସ୍କ୍ୱାର୍ଡ ଯାଞ୍ଚ ପାଇଁ କୈଳାସପୂର ସରକାରୀ ହାଇସ୍କୁଲ ଗସ୍ତ ବେଳେ ସେଠାରେ ବାହାର ସ୍କୁଲର ୨ ଜଣ ଶିକ୍ଷକ ପରୀକ୍ଷା ଦେଉଥିବା ପିଲାଙ୍କୁ କପି ଦେଉଥିବା ଜାଣିବାକୁ ପାଇଥିଲେ। ଏହାପରେ ଉକ୍ତ ୨ ଜଣ ଶିକ୍ଷକଙ୍କ ସମେତ କେନ୍ଦ୍ର ପରିଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଏ ନେଇ ଚାନ୍ଦିଲି ଥାନାରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ କୈଳାସପୁର ଏସ୍ଏସ୍ଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ପରୀକ୍ଷାକେନ୍ଦ୍ର ପରିଚାଳକ ବିଶିକେଶନ ବାଗ, ବଡଖିଲାପଦର ହାଇସ୍କୁଲ ଶିକ୍ଷକ ସ୍ୱରାଜ ବେହେରା, ଭୋଇମଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୈଲେନ୍ଦ୍ର ସ୍ୱାଇଁଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ ସୂଚନା ଦେଇଛନ୍ତି। ଏହି ଘଟଣା ବାବଦରେ ପ୍ରମାଣ ସ୍ୱରୂପ ସ୍କୁଲର ସିସି ଟିଭି ଫୁଟେଜ ମଧ ଥାନାରେ ପ୍ରଦାନ କରାଯାଇଥିବା ଜଣାପଡିଛି।

# ପଞ୍ଚାୟତସ୍ତରୀୟ ଜନଶୁଣାଣି


ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଗୁଣୁପୁର, ୨।୩(ସଂକେତ ପାତ୍ର)

ରାୟଗଡା ଜିଲା ଗୁଣୁପୁର ବ୍ଲକ ଅନ୍ତର୍ଗତ ଗଠଲପଦର ପଞ୍ଚାୟତର ସିଦ୍ଧମଗୁଡା ଗ୍ରାମରେ ପଞ୍ଚାୟତସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୪୬ ଜଣ ଗ୍ରାମବାସୀଙ୍କ ଅଭିଯୋଗ ଶୁଣାଣି କରାଯାଇଥିଲା। ବିଶେଷକରି ପାନୀୟ ଜଳ ସମସ୍ୟା, ରାସ୍ତାଘାଟ ନିର୍ମାଣ ଓ ମରାମତି, ମୋବାଇଲ ନେଟ୍ୱର୍କ ବ୍ୟବସ୍ଥାର ଅଭାବ, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ବାସହୀନଙ୍କୁ ଜମି ପଟ୍ଟା, ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଓ ଆବାସ ଯୋଜନାରେ ଘର ମଞ୍ଜୁରି ଇତ୍ୟାଦି ଦାବି ଉଠିଥିଲା। ଗୁଣୁପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା ଅଭିଯୋଗର ଶୁଣାଣି କରିଥିବା ବେଳେ ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ଆଶ୍ୱାସନ ଦେଇଥିଲେ। ଶୁଣାଣି ସମୟରେ ବ୍ଲକ୍ର ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

# ପଦ୍ମପୁର ଦୋଳଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

ପଦ୍ମପୁର,୨।୩ (ପ୍ରଶାନ୍ତ କୁମାର କର)

## ରାଜ ରାଜେଶ୍ୱରୀ ବେଶରେ ହୋଲିକା ଦହନ କରିବେ ମହାପ୍ରଭୁ

ଦକ୍ଷିଣ ଓଡ଼ିଶାର ପୁରାତନ ଐତିହାସିକ ଦୋଳଯାତ୍ରା ଫଗୁଦଶମୀଠାରୁ ପଦ୍ମପୁରସ୍ଥିତ ଶ୍ରୀ ଯୁଗୋଳ କିଶୋର ମହାପ୍ରଭୁଙ୍କ ମନ୍ଦିରଠାରେ ଅନୁଷ୍ଠିତ ହେଉଛି। ଏଥିପାଇଁ ପ୍ରତ୍ୟେକ ଦିନ ମହାପ୍ରଭୁଙ୍କୁ ବିଭିନ୍ନ ବେଶଭୂଷାରେ ସଜ୍ଜିତ କରାଯାଉଛି। ଗୌଡ ସେବକମାନେ ମହାପ୍ରଭୁଙ୍କୁ ସୁସଜ୍ଜିତ ବିମାନରେ ବସାଇ ଆଲଟ, ଚାମର, ଛତ୍ର ସହ ଢାମ୍ପ, ଟାଙ୍ଗୁ, ଶଙ୍ଖ, ମହୁରୀ, ମୃଦଙ୍ଗ, କାହାଳି ସହ ଡିଜେ ବାଜାର ତଳେ ତାଳେ ଯୁଗୋଳ କିଶୋର ମହାପ୍ରଭୁ ସହର ପରିକ୍ରମା କରିଥାନ୍ତି। ମଙ୍ଗଳବାର ଭୋରରୁ ହୋଲିକା ଦହନ ପରେ ପ୍ରଭୁ ମନ୍ଦିରକୁ ପ୍ରାତଃରେ ବିଜେ କରିବେ। ତେବେ ଏ ବର୍ଷ ଦୋଳପୂର୍ଣ୍ଣିମା ଦିନ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ଭୋରରୁ ଠାକୁରଙ୍କ ମନ୍ଦିର ମାର୍ଜନା କରାଯାଇ ସକାଳ ସୁଦ୍ଧା ସାଧାରଣ ଦର୍ଶନ ବନ୍ଦ କରାଯାଇ ଅପରାହ୍ନ ୬ଟା ପରେ ଠାକୁରଙ୍କୁ ମହାସ୍ନାନ ପରେ ପୂଜାର୍ଚ୍ଚନା କରି ଦୋଳରେ ବିଜେ କରାଯିବ ବୋଲି ସେବକମାନେ କହିଛନ୍ତି। ଦୋଳପୂର୍ଣ୍ଣିମା ଦିନଠାରୁ ୩ଦିନ ବ୍ୟାପି ପୌରାଣିକ ରାଧାପ୍ରେମ ଲୀଳା ଓ ଆଉ ୫ଦିନ ପ୍ରହାଲାଦ ନାଟକ ପରିବେଷଣ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ବଂଶିଧର ପାଣିଗ୍ରାହୀ କହିଛନ୍ତି। ଏହି ଯାତ୍ରାରେ ମଦ, ଜୁଆ ଓ ଆମିଷ ସମ୍ପୂର୍ଣ୍ଣ ବାରଣ ବୋଲି ସେ କହିଛନ୍ତି। ଯାତ୍ରାକୁ ଦୃଷ୍ଟିରେ ରଖି ବିଭିନ୍ନ ଦୋକାନ ବଜାର ସହ ସୁଦୃଶ୍ୟ ଆଲୋକମାଳା, ମୀନାବଜାର ଓ ରାମଦୋଳି ଦର୍ଶକଙ୍କ ମନ ମୋହୁଛି।

ସେହିପରି ପଦ୍ମପୁରର ଗିରୀଧାରୀ ମଠ, ଗୋପୀନାଥ ମନ୍ଦିର, ବୃନ୍ଦାବନ ଚନ୍ଦ୍ର ମନ୍ଦିରରେ ମଧ୍ୟ ବିଭିନ୍ନ ନୀତିକାନ୍ତି ମଧ୍ୟରେ ଠାକୁରଙ୍କ ଦୋଳଯାତ୍ରା ଅନୁଷ୍ଠିତ ହେଉଛି। ହୋଲି ଦିନ ଯୁଗୋଳ କିଶୋର ମହାପ୍ରଭୁଙ୍କ ମନ୍ଦିରରୁ ଆଜ୍ଞାମାଳ ଆସିଲେ ହିଁ ସବୁ ସ୍ଥାନରେ ଫଗୁ ଖେଳ ଆରମ୍ଭ କରିଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ମନ୍ଦିର ତରଫରୁ କୌଣସି ରାସାୟନିକ ରଙ୍ଗ ବ୍ୟବହାର କରାଯାଇ ନ ଥାଏ, କେବଳ ଫଗୁ ଓ ପ୍ରାକୃତିକ ରଙ୍ଗରେ ହିଁ ହୋଲି ଖେଳ ହୋଇଥାଏ। ଏହି ଯାତ୍ରା ଆରମ୍ଭ ହେଲେ ଗ୍ରାମବାସୀ ପରମ୍ପରା ଅନୁଯାୟୀ ନିଜ ଝିଅ ଜ୍ୱାଇଁଙ୍କୁ ନିମନ୍ତ୍ରଣ କରି ଆଣିଥାନ୍ତି। ସମସ୍ତଙ୍କ ଘରେ ଘରେ ପିଠାପଣା ଓ ଖୁସିର ମାହୋଲ ଦେଖିବାକୁ ମିଳିଥାଏ। ପଦ୍ମପୁର ପୋଲିସ ତରଫରୁ ଆଇଆଇସି ଧରଣୀଧର ପ୍ରଧାନଙ୍କ ଦ୍ୱାରା ଶାନ୍ତିଶୃଙ୍ଖଳା ରକ୍ଷା କରାଯାଉଛି।


ଠାକୁରଙ୍କୁ ବିମାନରେ ପରିକ୍ରମା କରାଯାଉଛି ।

# ୭୧ ଅଭିଯୋଗ ଶୁଣିଲେ ଜିଲାପାଳ


ଜିଲାପାଳ, ଏସ୍ପି ଓ ଅନ୍ୟ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

ରାୟଗଡ଼ା,୨।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ପ୍ରଶାସନ ତରଫରୁ ସଦର ମହକୁମାସ୍ଥିତ ଜିଲା ପରିଷଦ ସଦ୍ଭାବନା ସଭାଗୃହଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଏସ୍ପି ସ୍ୱାଥୀ ଏସ୍. କୁମାର, ଡିଏଫଓ ସଚିନ ଆନ୍ନା ସାହେବ ଓହୋଲ, ଉପଜିଲାପାଳ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି. ସରୋଜିନୀ ଦେବୀ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନିସା ଦାସ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୭୧ଟି ଅଭିଯୋଗ ଜିଲାପାଳଙ୍କ ପାଖକୁ ଆସିଥିଲା। ସେଥିରୁ ୫୫ ଟି ବ୍ୟକ୍ତିଗତ ଓ ୯ ଗୋଟି ଲୋକଙ୍କ ସାମୂହିକ ଅଭିଯୋଗ ରହିଥିଲା। ୩ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା। ୩ ଜଣକୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୫୦ ହଜାର ଟଙ୍କା ଏବଂ ୪ଜଣକୁ ଜିଲା ରେଡକ୍ରସ ଫଣ୍ଡରୁ ୩୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା। ଜିଲାପାଳ ଅଭିଯୋଗଗୁଡିକ ପାଇବା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଜିଲାସ୍ତରୀୟ ବିଭିନ୍ନ ବିଭାଗ ଅଧିକାରୀ ଯୋଗଦାନ କରିଥିଲେ।

# ୨୮ରେ ଗୁଣପୁର ଓକିଲ ସଂଘ ନିର୍ବାଚନ

ଗୁଣପୁର,୨।୩(ସୁଜାତା ପାଢୀ)

## ନିର୍ବାଚନ ଅଧିକାରୀ ଭାବେ ଚନ୍ଦ୍ରଶେଖର ଧୂଳି ନିଯୁକ୍ତ

ଆସନ୍ତା ମାର୍ଚ୍ଚ ୨୮ ତାରିଖରେ ରାୟଗଡା ଜିଲା ଗୁଣପୁର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ଓକିଲ ସଂଘର ସଭାପତି ଗୌରି ଶଙ୍କର ଦାସଙ୍କ ପକ୍ଷରୁ ନିର୍ବାଚନ ଅଧିକାରୀ ଭାବେ ଚନ୍ଦ୍ରଶେଖର ଧୂଳି ଏବଂ ସହ ନିର୍ବାଚନ ଅଧିକାରୀ ଭାବେ ହିମକାନ୍ତ ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ସୋମବାର ରାଜ୍ୟ ବାର କାଉନ୍ସିଲକୁ ସଭାପତି ପତ୍ର କରି ଅବଗତ କରିଛନ୍ତି।

ଆସନ୍ତା ୩୦ ତାରିଖରେ ଓକିଲ ସଂଘର ପଦାଧିକାରୀଙ୍କ କାର୍ଯ୍ୟକାଳ ସରୁଥିବାରୁ ଏହା ପୂର୍ବରୁ ନିର୍ବାଚନ କରାଯିବାକୁ ରାଜ୍ୟ ବାର କାଉନ୍ସିଲ ରାଜ୍ୟର ସମସ୍ତ ଓକିଲ ସଂଘକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଗୁଣପୁରଠାରେ ମଧ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୁଣପୁର ଓକିଲ ସଂଘର ୧୦୦ ଜଣ ଭୋଟର ଏହି ନିର୍ବାଚନ ପ୍ରକ୍ରିୟାରେ ନିଜର ମତଦାନ ସାବ୍ୟସ୍ତ କରିବେ । ଏ ନେଇ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ । ୭ରୁ ୯ ତାରିଖ ମଧରେ ନାମାଙ୍କନ ପତ୍ର ଦାଖଲ ହେବ, ୧୦ରେ ବିଭିନ୍ନ ପଦ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ । ୧୧ରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ, ୧୨ରେ କାଏମ ତାଲିକା ପ୍ରକାଶ କରାଯିବ, ୧୩ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ୧୪ରେ ଚୁଡାନ୍ତ ତାଲିକା ପ୍ରକାଶ ପାଇବ । ୨୮ ତାରିଖ ଦିନ ସକାଳ ୭.୩୦ରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ । ଅପରାହ୍ନ ୪ ରୁ ଭୋଟ ଗଣତି ଏବଂ ସଙ୍ଗେ ସଙ୍ଗେ ଫଳାଫଳ ଘୋଷଣା କରାଯିବ ବୋଲି ରାଜ୍ୟ ବାର କାଉନସିଲ ପକ୍ଷରୁ ଆସିଥିବା ନିର୍ବାଚନ କାର୍ଯ୍ୟ ସୂଚୀ ଅନୁସାରେ ଜଣାପଡିଛି।

# ୭ରେ ଜିଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା

ରାୟଗଡା,୨।୩ (ଆଶିଷ ରଞ୍ଜନ ପଣ୍ଡା)



ଖବରଦାତା ସମ୍ମିଳନୀରେ ରାୟଗଡ଼ା ଯୋଗାସନ ଆସୋସିଏଶନ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ମାର୍ଚ୍ଚ ୭ ତାରିଖରୁ ଦୁଇ ଦିନ ଧରି ରାୟଗଡା ଟାଉନ ହୋଲ ପରିସରରେ ଜିଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା ଆୟୋଜନ ହେବ। ରାୟଗଡା ଯୋଗାସନ ଆସୋସିଏଶନ ପକ୍ଷରୁ ଆୟୋଜିତ ଜିଲାର ବିଭିନ୍ନ ବ୍ଲକରୁ ପ୍ରତିଯୋଗୀ ଏଥିରେ ଯୋଗଦେବେ। ବର୍ତ୍ତମାନ ପ୍ରତିଯୋଗୀଙ୍କ ନାମ ପଞ୍ଜୀକରଣ ହୋଇଥିବା ବେଳେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେବେ ବୋଲି ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆସୋସିଏଶନ ସଭାପତି ନୃସିଂହନାଥ ବାହିନୀପତି ସୂଚନା ଦେଇଛନ୍ତି। ଏହି ଦୁଇ ଦିନ ସକାଳ ୮ଟାରୁ ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଜୁନିୟର, ସିନିୟର ବିଭାଗରେ ୧୦ରୁ ୫୫ ବର୍ଷ ମଧରେ ମହିଳା ଓ ପୁରୁଷ ପ୍ରତିଯୋଗୀ ଭାଗନେବେ ବୋଲି ସୂଚନା ଦିଆଯାଇଛି। ସମସ୍ତ ପ୍ରତିଯୋଗୀଙ୍କ ରହଣୀ ନିମନ୍ତେ ଜିସିଡି ହାଇସ୍କୁଲ ପରିସରରେ ବ୍ୟବସ୍ଥା କରାଯାଇଛି। ଏହି ଯୋଗାସନ ପ୍ରତିଯୋଗିତାକୁ ଓଡିଶା ଯୋଗାସନ ସ୍ପୋର୍ଟସ ଆସୋସିଏଶନ ସ୍ୱୀକୃତି ଦେଇଛି ବୋଲି ଆୟୋଜନ ମଣ୍ଡଳୀ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଜିଲା ଯୋଗାସନ ଆସୋସିଏଶନ ଆବାହକ ପ୍ରଭାକର ମିଶ୍ର, ଯୋଗ ଗୁରୁ ସ୍ୱାଧିନା ପଣ୍ଡା, ପ୍ରଦୀପ କୁମାର ରାଉତ ଓ ନିର୍ଝରଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୪ ଏପ୍ରିଲରେ ନୂଆ ରୂପରେଖ ପାଇବ ବାବା ସାହେବଙ୍କ ପ୍ରତିମୂର୍ତ୍ତି

ବିଷମକଟକ,୨।୩( ପ୍ରସନ୍ନ କୁମାର ପଣ୍ଡା)

## ପ୍ରତିମୂର୍ତ୍ତି ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟକରଣ ପାଇଁ ଅନୁଦାନ ଦେଲେ ବ୍ଲକ୍ ଅଧକ୍ଷା

ବିଷମକଟକସ୍ଥିତ ନୂତନ ବସ୍ଷ୍ଟାଣ୍ଡଠାରେ ଥିବା ବାବା ସାହେବ ଡ. ଭୀମ ରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟକରଣ ଆଦି ପାଇଁ ବିଷମକଟକ ବ୍ଲକ ଅଧକ୍ଷା ଯଶୋଦା ହୁଇକା ଏବଂ ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ସୋମବାର ନିଜ ପାଣ୍ଠିରୁ ଅନୁଦାନ ପ୍ରଦାନ କରିଛନ୍ତି । ମୂର୍ତ୍ତି ସ୍ଥାପନା ଦିନଠାରୁ ଏହାର ଉନ୍ନତିକରଣ ନିମନ୍ତେ ବିଭିନ୍ନ ରାଜନୈତିକ ଦଳର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଅନେକ ନେତା ଓ ଜନ ପ୍ରତିନିଧି ଏଥିପାଇଁ ପ୍ରତିଶ୍ରୁତି ମଧ ଦେଇଥିଲେ। ହେଲେ ନିବେଦନ କରିବା ମାତ୍ରେ ସହଯୋଗର ହାତ ବଢ଼ାଇଥିବା ହେତୁ ଉପାଧକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି ରାୟଗଡା ବହୁଜନ ସମାଜ ପାର୍ଟି ପ୍ରଭାରୀ ରାମଦାସ ଟାକ୍ରୀ ।

ପ୍ରକାଶ ଥାଉକି, ବିଷମକଟକ ଡମ ସମାଜର ଏକ ପ୍ରତିନିଧି ଦଳ ନୂତନ ବର୍ଷର ଶୁଭେଚ୍ଛା ଜଣେଇବା ଅବସରରେ ବ୍ଲକ ଉପାଧକ୍ଷ ଦେବୀ ପ୍ରସାଦ ପଟନାୟକଙ୍କୁ ଏକ ସୌଜନ୍ୟ ମୂଳକ ସାକ୍ଷାତ କରି ଅଞ୍ଚଳର ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରତିନିଧି ମଣ୍ଡଳ ବାବା ସାହେବଙ୍କ ପ୍ରତିମୂର୍ତ୍ତିସ୍ଥିତ ସ୍ଥାନର ଉନ୍ନତି ସକାଶେ ଉପାଧକ୍ଷଙ୍କ ସହଯୋଗ ପାଇଁ ମଧ ଦୃଷ୍ଟି ଆକର୍ଷଣ କରିଥିଲେ । ସୋମବାର ଉପାଧକ୍ଷଙ୍କ ସମେତ ବିଭାଗୀୟ ଯନ୍ତ୍ରୀ ଉକ୍ତ ସ୍ଥାନ ପରିଦର୍ଶନ କରି ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ବହୁଜନ ସମାଜ ସହ ଆଲୋଚନା କରିଥିବା ଜଣାପଡିଛି । ପ୍ରଥମ ପର୍ଯ୍ୟାୟରେ ୩ଲକ୍ଷ ଟଙ୍କାରେ ଉନ୍ନତିକରଣ କାମ ଆରମ୍ଭ କରାଯିବା ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଦ୍ୱିତୀୟ ପର୍ଯ୍ୟାୟରେ ମଧ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ବ୍ଲକ ଉପାଧକ୍ଷ ତଥା ବିଜେଡି ନେତା ଦେବୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ୧୪ ଏପ୍ରିଲରେ ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ଥିବାରୁ ଏହି କାର୍ଯ୍ୟକୁ ଶୀଘ୍ର ସାରିବା ପାଇଁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ଉଲ୍ଲେଖ ଯୋଗ୍ୟ, ବିଷମକଟକର ସମସ୍ତ ପଞ୍ଚାୟତ ପ୍ରତିନିଧି, ଜିଲା ପରିଷଦ ସମେତ ବ୍ଲକ ଅଧକ୍ଷ ପଦ ବିଜେଡି ଦଖଲରେ ରହିଛି । ଆଗକୁ ପୌର ଏବଂ ପଞ୍ଚାୟତ ନିର୍ବାଚନ ଥିବାବେଳେ ବିଜେଡିର ଏହି ପଦକ୍ଷେପ ଅନ୍ୟ ରାଜନୈତିକ ଦଳ ପାଇଁ ଚିନ୍ତାର ବିଷୟ ହୋଇପାରେ ବୋଲି ଚର୍ଚ୍ଚା ହେଉଛି । ପ୍ରକାଶ ଥାଉକି ଚଳିତ ୨୦୨୪ ନିର୍ବାଚନରେ ବିଜୟୀ ଦଳ ପ୍ରତି ଭୋଟ ପ୍ରଭାବିତ କରିବା ଦିଗରେ ବହୁଜନ ସମାଜ ପାର୍ଟି ସମେତ କିଛି ବିଶେଷ ସମ୍ପ୍ରଦାୟ ଓ ସଂଗଠନଙ୍କ ଭୂମିକା ନିର୍ଣ୍ଣାୟକ ହୋଇଥିଲା । ତେବେ ଉପାଧକ୍ଷଙ୍କ ଏହି ପଦକ୍ଷେପ ପାଇଁ ବହୁଜନ ସମାଜ ପାର୍ଟି ରାଜ୍ୟ ପ୍ରଭାରୀ ଜିତୁ ଜାକାଶିକା, ଜିଲା ପ୍ରଭାରୀ ପୂର୍ଣ୍ଣ ଟାକ୍ରୀ, ଜିଲା ପ୍ରଭାରୀ ରାମଦାସ ଟାକ୍ରୀଙ୍କ ସମେତ ବିଷମକଟକ ଡମ ସମାଜ, ଆମ୍ବେଡକର ପ୍ରେମୀ ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଆବାସ ଯୋଜନାରୁ ବଞ୍ଚିତ ୨ ମହିଳା

ଗୁଣପୁର,୨।୩ (ସଂକେତ ପାତ୍ର)


ମହିଳାମାନେ ଉପଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ) ଅଧୀନରେ ଘର ପାଇଁ ମଞ୍ଜୁରି ମିଳିଥିଲେ ମଧ ସରକାରୀ ସହାୟତା ଟଙ୍କା ନ ମିଳିବା ଓ ଠକେଇ ଅଭିଯୋଗ ନେଇ ଗୁଣପୁର ବ୍ଲକରୁ ୨ ଜଣ ଆଦିବାସୀ ମହିଳା ସୋମବାର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଚାଳକାମ୍ବା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଳମା ଗ୍ରାମର ସୀତା ସବର ଓ ରୂପାପଦର ଗ୍ରାମର ବୁଦା ସବର ପିଏମ୍ଏୱାଇ ଯୋଜନାରେ ଘର ପାଇଁ ଆବେଦନ କରିଥିଲେ। ସୀତା ସବର ୧୯।୬।୨୦୨୩ରେ ୱାର୍କ ଅର୍ଡର ପାଇଥିବାବେଳେ ବୁଦା ସବରଙ୍କୁ ମଧ ୨୦୨୩ ମସିହାରେ କାମ ଆଦେଶ ମିଳିଥିଲା। ହେଲେ ଆଜକୁ ୩ ବର୍ଷ ବିତିଗଲାଣି ହେଲେ ସରକାରୀ ସହାୟତା ଟଙ୍କା ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସୀତା ସବର ତାଙ୍କ ଅଭିଯୋଗରେ କହିଛନ୍ତି, ପ୍ରଥମେ ନିଜ ଖର୍ଚ୍ଚରେ ପୁରୁଣା ଘର ଭାଙ୍ଗି ନୂଆ ଘର ବନେଇଦିଅ ଓ ପରେ ସରକାରୀ ଟଙ୍କା ମିଳିବ ବୋଲି ସରପଞ୍ଚ ଓ ଗୁଣପୁର ବ୍ଲକ କର୍ମଚାରୀମାନେ କହିଥିଲେ। ଏହାକୁ ବିଶ୍ୱାସ କରି ସେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ଗ୍ରୁପ୍ ଲୋନ ସହିତ ଧାର କରି ଘର ନିର୍ମାଣ କାମକରି ୨୦୨୫ ଡିସେମ୍ବରରେ ସମ୍ପୂର୍ଣ୍ଣ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଟଙ୍କା ମିଳିନାହିଁ। ବ୍ଲକ କାର୍ଯ୍ୟାଳୟରେ ପଚାରିବାରେ ଟଙ୍କା ଭୁଲରେ ଅନ୍ୟ ଖାତାକୁ ଯାଇ ପରେ ଷ୍ଟେଟ ନୋଡାଲ ଆକାଉଣ୍ଟକୁ ଫେରିଯାଇଥିବା କୁହାଯାଉଛି। ଅନ୍ୟପଟେ ବୁଦା ସବର ତାଙ୍କ ଅଭିଯୋଗରେ ଜଣାଇଛନ୍ତି ଯେ, ସେ ଗରିବ ଦିନମଜୁର ଶ୍ରମିକ ଥିବାରୁ ଆର୍ଥିକ ସମସ୍ୟାରେ ଘର ନିର୍ମାଣ କରିପାରିନାହାନ୍ତି, କିନ୍ତୁ ତଥାପି ତାଙ୍କ ନାମରେ ମଞ୍ଜୁରି ହୋଇଥିବା ସରକାରୀ ଟଙ୍କା ମଧ ମିଳିନାହିଁ। ବ୍ଲକ ପକ୍ଷରୁ ଆସିଥିବା ଟଙ୍କା ଭୁଲରେ ଅନ୍ୟ ଖାତାକୁ ଯାଇଥିବା କୁହାଯାଉଛି। ଉଭୟ ଅଶିକ୍ଷିତ ହୋଇଥିବାରୁ ତାଙ୍କ ନାଁରେ କେହି ଟଙ୍କା ଉଠାଇ ନେଇଥିବା ସେମାନେ କହିଛନ୍ତି। ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଦୋଷୀଙ୍କୁ ଚିହ୍ନଟ କରିବା ସହିତ ତାଙ୍କ ଅଧିକାରିକ ଟଙ୍କା ଶୀଘ୍ର ପ୍ରଦାନ କରିବାକୁ ଉପ-ଜିଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ ତୁରନ୍ତ ଗୁଣପୁର ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗପତ୍ର ଦେବାକୁ ଉପ-ଜିଲାପାଳ ୨ ମହିଳାଙ୍କୁ ପରାମର୍ଶ ଦେଇଛନ୍ତି। ଏହାପରେ ସେମାନେ ଗୁଣପୁର ବିଡିଓ କାର୍ଯ୍ୟାଳୟକୁ ଯାଇଥିଲେ ମଧ ବିଡିଓ କୌଣସି କାରଣରୁ କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବାରୁ ଅଭିଯୋଗପତ୍ର ଅଫିସ ଡାକ ଯୋଗେ ପଠାଇଥିବା ସେମାନେ କହିଛନ୍ତି। ଅଧିକାରୀଙ୍କ ଭୁଲ ପାଇଁ ଆମେ କାହିଁକି ହଇରାଣ ହେବୁ ବୋଲି ଦୁଇ ଆଦିବାସୀ ମହିଳା ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ

### ମାଲବାହୀ ଟ୍ରକ୍‌କୁ ୨୬ ହଜାର ୮ଶହ ଫାଇନ୍

ନବରଙ୍ଗପୁର, ୨।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଦେଇ ବିଭିନ୍ନ ମାଲ୍‌ବାହି ଟ୍ରକ୍‌ଗୁଡ଼ିକ ପ୍ରବେଶ ହେଉଛି। ତେବେ ଛତିଶଗଡ ଅଞ୍ଚଳରୁ ଏହି ଭଳି ଦୈନିକ ଅନେକ ମାଲ ପରିବହନ ହେଉଛି। ଯେଉଁ ଗାଡ଼ିର ଫିଟନେସ୍, ବିମା, ପର୍ମିଟ, ପ୍ରଦୂଷଣ, ରୋଡ ଟ୍ୟାକ୍ସ ଆବଧି ଶେଷ ହୋଇ ୭ ବର୍ଷ ବିତି ଯାଇଥିଲେ ମଧ୍ୟ ମାଲ ପରିବହନ କରି ଆସୁଛନ୍ତି। ଏକ ସିମେଣ୍ଟ ବୋଝେଇ ଟ୍ରକ ନମ୍ବର (ସିଜି-୦୪ଜେସି-୧୯୪୧) ଟ୍ରକ୍ କୌଣସି କାଗଜ ପତ୍ର ନଥିବା ସତ୍ତ୍ୱେ ଜିଲାରେ ପରିବହନ କରୁଛି। ଏହାକୁ ନେଇ ସାମାଜିକ କର୍ମୀ ବିଭୂତି ପ୍ରସାଦ ପଣ୍ଡା ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ନିକଟରେ ଅଭିଯୋଗ କରିଥିଲେ। ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଆର୍‌ଟିଓଙ୍କୁ ନିର୍ଦ୍ଦେଶ ଦେବାପରେ ଯାଞ୍ଚ ଟିମ୍ ନବରଙ୍ଗପୁର ମହିଳା ମହାବିଦ୍ୟାଳୟ ନିକଟରେ ଧରିଥିଲେ। ଛତିଶଗଡ଼ରୁ ସିମେଣ୍ଟ ବୋଝେଇ କରି ଟ୍ରକ୍‌ଟି ନବରଙ୍ଗପୁର ଆସିଥିଲା। କୌଣସି କାଗଜପତ୍ର ନଥିବା ଜଣାପଡିବା ପରେ ୨୬ ହଜାର ୮ଶହ ଟଙ୍କା ଫାଇନ ହୋଇଛି। ତେବେ ଟ୍ରକ୍‌ଟିର କାଗଜପତ୍ର ନଥିବାସତ୍ତ୍ୱେ କମିତି ରାସ୍ତାରେ ଚାଲିଛି ତାହାକୁ ଜବତ ନକରି ବିଭାଗ ଫାଇନ କାଟି ଛାଡ଼ିଦେବା ଘଟଣାକୁ ବିଭିନ୍ନ ସ୍ତରରେ ନାପସନ୍ଦ କରାଯାଇଛି।

### ୨ ପୃଥକ୍ ସ୍ଥାନରେ ନିଆଁ ଲାଗି ସାମଗ୍ରୀ ନଷ୍ଟ

ସୁନାବେଡା/ସେମିଳିଗୁଡ଼ା, ୨।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବସ୍‌ଷ୍ଟାଣ୍ଡସ୍ଥିତ ଏକ ମୋବାଇଲ ମରାମତି ଦୋକାନରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ସ୍ଥାନୀୟ କେତେକ ଯୁବକ ଦୋକାନରୁ ଜିନିଷପତ୍ର ବାହାର କରିଥିଲେ। ଅଳ୍ପ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ସେମିଳିଗୁଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେହିଭଳି ସେମିଳିଗୁଡ଼ା ତଳସାହିର ସସ୍ମିତା କୁମାରୀ ଗୁପ୍ତାଙ୍କ ଘରେ ସର୍ଟସର୍କିଟରୁ ନିଆଁ ଲାଗିଯିବାରୁ ଟିଭି, ୨ କମ୍ପ୍ୟୁଟର ବହିପତ୍ର ଓ ଲୁଗାପଟା ପୋଡି ନଷ୍ଟ ହୋଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ସୁନାବେଡା ପୌରାଧକ୍ଷ ଡ.ରାଜେନ୍ଦ୍ର ପାତ୍ର ପହଞ୍ଚି ସ୍ଥିତି ପରଖିବା ସହ କ୍ଷତିଗ୍ରସ୍ତ ମହିଳାଙ୍କୁ ତୁରନ୍ତ ୫ ହଜାର ଟଙ୍କା ବ୍ୟକ୍ତିଗତ ସହାୟତା ରାଶି ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ସେମିଳିଗୁଡ଼ା ରାଜସ୍ୱ ବିଭାଗ ରାଜସ୍ୱ ନିରୀକ୍ଷକ ଟିମ୍ ପହଞ୍ଚି ଅନୁଧ୍ୟାନ କରିଛନ୍ତି।

### ୭ କୁଇଣ୍ଟାଲ ଗଞ୍ଜେଇ ଜବତ: ୨ ଗିରଫ

ବୈପାରିଗୁଡ଼ା, ୨।୩(କଳ୍ପତରୁ ମହାନ୍ତି)

ବୋଲେରରେ ୭ କୁଇଣ୍ଟାଲ ଗଞ୍ଜେଇ ଚାଲାଣ ବେଳେ କୋରାପୁଟ ଜିଲା ବୈପାରିଗୁଡା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମାଲକାନଗିରି ଜିଲାର ଡାନିୟାଲ ହରିଜନ(୨୬) ଓ ରମେଶ ବାଘ(୨୫)। ସୂଚନାନୁଯାୟୀ, ବୈପାରିଗୁଡା ପୋଲିସ କାମ୍ପିଦର ଛକ ନିକଟରେ ଅପେକ୍ଷା କରିଥିବା ବେଳେ ଗୋବିନ୍ଦପାଲ୍ଲୀ ପଟୁ ଆସୁଥିବା ଏକ ବୋଲେରୋ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଯାଞ୍ଚ କରିବାରୁ ସେଥିରୁ ୭ କୁଇଣ୍ଟାଲ ୬୩ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏ ନେଇ ଥାନାରେ ନଂ. ୬୮/୨୬ରେ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଏସ୍.କେ. ବେହେରା ତଦନ୍ତ କରୁଛନ୍ତି।

# ଖୋଲା ଆକାଶ ତଳେ ପଡ଼ିରହିଛି ୧ ଲକ୍ଷ କୁଇଣ୍ଟାଲ ଧାନ

- ମଣ୍ଡିରୁ ଧାନ ଉଠୁ ନ ଥିବା ଚାଷୀଙ୍କ ଅଭିଯୋଗ
- ଟୋକନ ଲାପ୍ସ ପୂର୍ବରୁ ଧାନ ଉଠାଯିବା ନେଇ ଜିଲାପାଳଙ୍କ ପ୍ରତିଶ୍ରୁତି

ନବରଙ୍ଗପୁର, ୨।୩ (ସଦାଶିବ ପ୍ରହରାଜ)


ଜିଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି ଚାଷୀ।

ନବରଙ୍ଗପୁର ଜିଲାର ୫୮ ଧାନ ମଣ୍ଡିରେ ପ୍ରାୟ ଏକ ଲକ୍ଷ କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି। ତେବେ ନନ୍ଦାହାଣ୍ଡି ବ୍ଲକ ସରୁଗୁଡ଼ା ଧାନ ମଣ୍ଡିରେ ୪୫୦ ଜଣ ଚାଷୀଙ୍କ ଧାନ କିଣା ଯାଇନଥିବା ନେଇ ଚାଷୀମାନେ ସୋମବାର ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଜଣାଇଛନ୍ତି। ମିଲରମାନେ କୁଇଣ୍ଟାଲ ପିଛା ୧୦ କିଲୋ ଧାନ କଟ୍‌ନୀ ଛଟନି କରି ଧାନ ଉଠାଉଛନ୍ତି। ଯେଉଁ ଚାଷୀ ଏଥିରେ ଅରାଜି ସେମାନଙ୍କ ଧାନ ମଣ୍ଡି ରୁ ଉଠିନାହିଁ। ଏବେ ମଣ୍ଡିରେ ୯୦୦୦ କୁଇଣ୍ଟାଲ ଧାନ ପଡ଼ି ରହିଛି। ଟୋକନ ଅବଧି ୩ ଦିନ ଭିତରେ ଲାପ୍‌ସ ହେବାକୁ ଯାଉଛି ବୋଲି ଚାଷୀ ଲକ୍ଷ୍ମୀଧର ହରିଜନ, ଟଙ୍କଧର ମାଝୀ, ଭାସ୍କର ଚନ୍ଦ୍ର ବାଘ, ଦିବାକର ନାୟକ ପ୍ରମୁଖ ଲିଖିତଭାବେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜିଲାପାଳ ମହେଶ୍ୱର ସ୍ୱାଇଁ ଜିଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତିଙ୍କୁ ତୁରନ୍ତ ଧାନ ଉଠାଇବାକୁ କହିଛନ୍ତି। ତିନିଦିନ ମଧ୍ୟରେ ଧାନ ଉଠାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ଶିବିରରେ ୫୫ ଅଭିଯୋଗର ଶୁଣାଣି

ନବରଙ୍ଗପୁର, (ସଦାଶିବ ପ୍ରହରାଜ)


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଏକ ଅଭିଯୋଗର ଶୁଣାଣି କରୁଛନ୍ତି।

ନବରଙ୍ଗପୁର ପୌରପରିଷଦ ସମ୍ମିଳନୀ ଗୃହରେ ଜିଲାପାଳ ଡ ମହେଶ୍ୱର ସ୍ୱାଇଁ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୫୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୯ ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୪ ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା।

## ବକେୟା ଟଙ୍କା ମିଳି ନ ଥିବା ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଯୋଗ

ନବରଙ୍ଗପୁର, ୨।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମଙ୍ଗଲମ୍ ଟିମ୍ବରର ୧୦ ଜଣ କର୍ମଚାରୀ ଅବସର ଗ୍ରହଣ ପରେ ମଧ୍ୟ ସେମାନଙ୍କ ବକେୟା ଟଙ୍କା ପାଇଁ ନାହାନ୍ତି। ୨୦୨୩ ଚୁକ୍ତି ଅନୁଯାୟୀ ଅବସର ପରେ ୧୦ ହଜାର ଟଙ୍କା ଲେଖାଏ ପାଇବାକୁ ଯୋଗ୍ୟ ଥିଲେ ମଧ୍ୟ କମ୍ପାନୀ ତାହା ପ୍ରଦାନ କରୁନ ଥିବା ନେଇ ଶ୍ରମିକମାନେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ୨୦୨୫ରେ ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ବକେୟା ଅର୍ଥ ପ୍ରଦାନ କରାଯାଇଛି। କିନ୍ତୁ ଆମକୁ ମିଳୁନାହିଁ ବୋଲି ସେମାନେ ଜଣାଇଛନ୍ତି। ଏନେଇ ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ କହିଛନ୍ତିଯେ ପ୍ରଥମେ କମ୍ପାନୀକୁ ଚିଠି କରାଯାଇଛି। ସେଥିରେ ସେ ରାଜି ନ ହେଲେ ଦୁଇଟି ନୋଟିସ ଯିବ। ସେଥିରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମାମଲା ରୁଜୁ କରାଯିବ ବୋଲି ସେ କହିଛନ୍ତି।

## ଘର ତାଲା ଭାଙ୍ଗି ସୁନାଗହଣା ଚୋରି

ଉମରକୋଟ, ୨।୩(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟରେ ପୁଣି ଏକ ବଡ଼ଧରଣର ଚୋରି ହୋଇଛି। ତାହା ପୁଣି ଦିନ ଦ୍ୱିପହରରେ। ମିଳିଥିବା ସୂଚନା ଅନୁସାରେ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ସମ୍ମୁଖରେ ଥିବା କ୍ରିଷ୍ଣା ଡାଲି ଓ ତାଙ୍କ ସ୍ୱାମୀ ଜୟନ୍ତ ଡାଲି ସକାଳ ୯ଟା୪୦ରେ ଘରେ ଚାବି ପକାଇ କାମ କରିବାକୁ ଯାଇଥିଲେ। ତେବେ ଅପରାହ୍ନ ୫ଟା ୪୦ରେ କ୍ରିଷ୍ଣା ଡ଼ାଲି ଘରେ ପହଞ୍ଚିବା ବେଳକୁ ଘର ମୁଖ୍ୟ ଦ୍ୱାରରେ ଲାଗିଥିବା ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଆଲମିରା ଭାଙ୍ଗି ନଗଦ ୧ ଲକ୍ଷ ୬୭ ହଜାର ଟଙ୍କା, ସୁନା କାନଫୁଲ ୩ ଟା, ଗୋଟିଏ ସୁନା ମଙ୍ଗଳ ସୂତ୍ର, କାନ ରିଙ୍ଗ ୫ ହଳ, ସୁନା ମୁଦି ୨ ଟା, ରୂପା ପାଉଁଜି ୨ ହଳ, ଗୋଟିଏ ରୂପା ବ୍ରେସ୍‌ଲେଟ୍ ସହ ମୋବାଇଲ ୨ ଟି ଚୋରି ହୋଇଥିବା ଜଣାପଡ଼ିଛି। କ୍ରିଷ୍ଣା ସନ୍ଧ୍ୟାରେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପ୍ରବେଶିକା ପରୀକ୍ଷାରେ ୪ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ


ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର।

ଚନ୍ଦାହାଣ୍ଡି, ୨।୩(ହିମାଂଶୁ ଦାସ)

ଜିଲା ମଙ୍ଗଳ ବିଭାଗର ଅଧୀନରେ ଥିବା ଏକମାତ୍ର କଳିଙ୍ଗ ମଡେଲ ରେସିଡେନ୍ସିଆଲ ସ୍କୁଲରେ ନାମ ଲେଖାଇବାକୁ ପ୍ରବେଶିକା ପରୀକ୍ଷା ହୋଇଥିଲା। ଏଥିରେ ଚନ୍ଦାହାଣ୍ଡି ବ୍ଲକ ସଦରସ୍ଥିତ ଆଶ୍ରମ ବିଦ୍ୟାଳୟ ୪ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ସୂଚନାନୁଯାୟୀ, ଉକ୍ତ ସ୍କୁଲର ୬୦ ସିଟ୍ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କେଏମ୍‌ଆର୍‌ଏସ୍ ପ୍ରବେଶିକା ପରୀକ୍ଷା ପାଇଁ ମୋଟ ୪୫୭ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଥିଲେ। ଚନ୍ଦାହାଣ୍ଡି ଆଶ୍ରମ ବିଦ୍ୟାଳୟରୁ ଜିତେନ୍ଦ୍ର ଗଣ୍ଡ ଜଗତସିଂ ଗଣ୍ଡ, ଡିଲେଶ୍ୱର ପୂଜାରୀ ଓ ଗାୟତ୍ରୀ ପୂଜାରୀ କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷା ପ୍ରସ୍ତୁତିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷକ ହୃଦାନନ୍ଦ ଗହୀର, ହରଲାଲ ନାୟକ ଏବଂ ଶିକ୍ଷୟିତ୍ରୀ ବବିତା ମାଝୀ ସହଯୋଗ କରିଥିଲେ। ଅଭିଭାବକମାନେ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କୁ ଧନ୍ୟବାଦ ଦେଇଛନ୍ତି।

## ସୁଭଦ୍ରା ଶକ୍ତି ମେଳା ମଞ୍ଚରେ ନୃତ୍ୟ ପ୍ରଦର୍ଶନ କଲେ କିନ୍ନର



ନୃତ୍ୟ ପ୍ରଦର୍ଶନ କରିଥିବା କିନ୍ନର ସଂଘ ସଦସ୍ୟଙ୍କୁ ସମ୍ମାନୀତ କରାଯାଉଛି।

ନବରଙ୍ଗପୁର, ୨।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୋଲିସ ପଡ଼ିଆରେ ସୋମବାର ଅନୁଷ୍ଠିତ ସୁଭଦ୍ରା ଶକ୍ତି ମେଳାରେ ଜିଲା କିନ୍ନର ସଂଘ ସଦସ୍ୟମାନଙ୍କୁ ନୃତ୍ୟ ପରିବେଷଣ କରିବାକୁ ଜିଲା ପ୍ରଶାସନ ସୁଯୋଗ ଦେଇଛି। ନୃତ୍ୟ ଶେଷରେ ଜିଲା କିନ୍ନର ସଂଘର ସଦସ୍ୟଙ୍କୁ ଉପଢୌକନ ସହ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯାଇଥିଲା। ଉଭୟ ଜିଲା ପ୍ରଶାସନ ଏବଂ ଅନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ କିନ୍ନର ସଂଘ ସଦସ୍ୟମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସୁଯୋଗ ଦେଇ କିନ୍ନରଙ୍କ ପ୍ରତି କୌଣସି ଭେଦଭାବ ନାହିଁ ବୋଲି ଏକ ବାର୍ତ୍ତା ସମାଜକୁ ପ୍ରଦାନ କରାଯାଉଛି। ପ୍ରଶାସନ ପକ୍ଷରୁ ଜିଲା କିନ୍ନର ସଂଘ ସଦସ୍ୟଙ୍କୁ ସୁଭଦ୍ରା ଶକ୍ତି ମେଳା ମଞ୍ଚରେ ନୃତ୍ୟ ପରିବେଷଣ ନିମନ୍ତେ ସୁଯୋଗ ପ୍ରଦାନ କରିଥିବାରୁ ଜିଲା ପ୍ରଶାସନ କୁ କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଛନ୍ତି। ସୂଚନା ଯୋଗ୍ୟ ଯେ କିନ୍ନର ସଂଘ ସଦସ୍ୟଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ ମଣ୍ଡେଇ ମଞ୍ଚରେ ନୃତ୍ୟ ପରିବେଷଣ କରିବାକୁ ସୁଯୋଗ ପ୍ରଦାନ କରାଯାଇଥିଲା। ସେହିପରି କିନ୍ନର ସଂଘ ସଦସ୍ୟ ରାଧା ଧାକଡ ମଣ୍ଡେଇ ଲୋକ ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

## ସୁରକ୍ଷା କର୍ମୀ ନିୟୋଜିତ କରିବା ଦାବି

କୋରାପୁଟ, ୨।୩(ଅମିତାଭ ବେହେରା)

କୋରାପୁଟ ବ୍ଲକ ଅଧୀନ ମେଘରାଜ ଟାଉନଶିପ୍‌ରେ ଚୋରି ବୃଦ୍ଧି ପାଉଥିବାରୁ ଲୋକଙ୍କ ମଧ୍ୟରେ ଭୟରୁ ବାତାବରଣ ରହିଥିବା ବେଳେ ସୁରକ୍ଷା କର୍ମୀ ନିୟୋଜିତ କରିବାକୁ ଦାବି କରାଯାଇଛି। ଦୀର୍ଘ ଦିନରୁ ଅନୁପସ୍ଥିତ ରହୁଥିବା ବ୍ୟକ୍ତିଙ୍କ ଘରେ ଚୋରି ହେଉଛି। ରବିବାର ରାତିରେ ଜଣଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୁରକ୍ଷାକର୍ମୀ ଥିବା ବେଳେ ଚୋରି ହେଉ ନ ଥିଲା। ସୁରକ୍ଷା କର୍ମୀ ଯିବା ପରେ ଚୋରି ହେଉଥିବା ଲୋକେ କହିଛନ୍ତି। ସୁରକ୍ଷା କର୍ମୀଙ୍କ ପାଇଁ ଲୋକେ ଅର୍ଥ ନ ଦେବାରୁ ସେମାନଙ୍କୁ କାଢ଼ି ଦିଆଯାଇଥିବା ମେଘରାଜ ଟାଉନଶିପ ପରିଚାଳକ ରାଜେଶ ଶୋନେଜା କହିଛନ୍ତି। ସଂସ୍ଥା ପକ୍ଷରୁ ଅର୍ଥ ପ୍ରଦାନ କରି ରାତ୍ରି ଜଗୁଆଳୀ ରଖିବାକୁ ଦାବି ହେଉଛି।

## ହୋଟେଲ, ବେକେରି ଉପରେ ଚଢ଼ାଉ: ଜରିମାନା ଆଦାୟ

ଜୟପୁର, ୨।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହରରେ ହୋଟେଲ ଓ ବେକେରି ଉପରେ ସୋମବାର ଚଢ଼ାଉ କରାଯାଇ ଜୋରିମାନା ଆଦାୟ ହୋଇଛି। କୋରାପୁଟ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ପଙ୍କଜିନି ଦେଉରୀଙ୍କ ସହ ପୌର କର୍ମଚାରୀ ଏହି ଚଢାଉରେ ସାମିଲ ଥିଲେ। ଜୟପୁର ସହର ଗାଙ୍ଗୁରାମ ହୋଟେଲ, ପ୍ରିନସେସ ବେକେରି, ବେଙ୍ଗାଲୁର ବେକେରି, ସାହୁ ସୁଇଟସ ଭଳି ୭ ହୋଟେଲ, ବେକେର ଉପେରେ ଚଢ଼ାଉ କରାଯାଇ ୯ହଜାର ୫ଶହ ଟଙ୍କା ଜରିମାନା ଆଦାୟ ସହ ନୋଟିସ କରାଯାଇଛି। ଆଗାମି ଦିନରେ ମଧ୍ୟ ଚଢାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

## ଅଗ୍ନି ଗଙ୍ଗାମାଙ୍କ ଯାତ୍ରା ଆରମ୍ଭ

ବନ୍ଧୁଗାଁ, ୨।୩ (ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍ ନୀଲାବାଡି ଗ୍ରାମରେ ଅଗ୍ନି ଗଙ୍ଗାମାଙ୍କ ଘାଟଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ମା'ଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଶାନ୍ତିଶୃଙ୍ଖଳା ପରିଚାଳନା ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସଭାପତି ବି.ସତ୍ୟମ ନାଇଡୁ କହିଛନ୍ତି। ମା'ଙ୍କ ଘଟଯାତ୍ରା ଦେଖିବାକୁ ତେଲଙ୍ଗାନା, ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଛି। ଶୋଭାଯାତ୍ରା ବାହାରି ମା' ଅସ୍ଥାୟୀ ମଣ୍ଡପକୁ ପହଞ୍ଚିବେ। ପୂଜା କମିଟି ପକ୍ଷରୁ ୭୫୦ ଅସ୍ଥାୟୀ ଷ୍ଟଲ୍ କରାଯାଇ ସେଥିରୁ ୧୧୦୦ ଟଙ୍କା ଲେଖାଏ ଆଦାୟ କରାଯାଉଛି। ଯାତ୍ରା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବା ନେଇ ପୋଲିସ,ଦମକଳ ବାହିନି, ସ୍ୱେଚ୍ଛାସେବୀ ଓ ନିଲାବାଡି ଅଗ୍ନି ଗଙ୍ଗାମା ଯୁବକ ସଂଘର ସଦସ୍ୟମାନଙ୍କ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ତହସିଲଦାର ତଥା ପୂଜା କମିଟି ଅଧ୍ୟକ୍ଷା ସୋନାଲି ପାତ୍ର, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ, ବିଡିଓ ମିନତୀ ଜଗଦେବ, ଲକ୍ଷ୍ମୀପୁର ଏସ୍‌ଡିପିଓ ମନୋଜ କୁମାର ବେହେରା, ବନ୍ଧୁଗାଁ ଥାନାଧିକାରୀ ସିନ୍ଧୁ ସାରାକା, କୋରାପୁଟ ଉପଜିଲାପାଳଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୂତୟନ ହେବେ। ଆନ୍ଧ୍ର ପ୍ରଦେଶର ଶ୍ରଦ୍ଧାଳୁମାନଙ୍କ ପାଇଁ ଆନ୍ଧ୍ର ସରକାର ସ୍ୱତନ୍ତ୍ର ବସ ସେବା କରିଛନ୍ତି। କମିଟି ଉପସଭାପତି ଜନାର୍ଦ୍ଦନ ସାହୁକାର, ସମ୍ପାଦକ ଜି.ରବିଶଙ୍କର, ଯାତ୍ରା ପରିଚାଳନା କମିଟି ପ୍ରସନ୍ନ ପଟ୍ଟନାୟକ, ସଦାନା ପିଡ଼ିକା, ବିଜେଡି ବ୍ଲକ ସଭାପତି ଦୁର୍ଯ୍ୟୋ ନାଗ ଯାତ୍ରା ପରିଚାଳନା କରିବେ।

## ପେଟ୍ରୋଲ ଲିକେଜ୍ ହୋଇ ଜମିରେ ଫସଲ ନଷ୍ଟ ଅଭିଯୋଗ

ଜୟପୁର, ୨।୩(ପବନ ପାଣିଗ୍ରାହୀ)



କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ ଅନ୍ତା ଗ୍ରାମରେ ପେଟ୍ରୋଲ ପମ୍ପ ଲିକେଜ ହୋଇ ଫସଲ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ରବି ଋତୁ ପାଇଁ ଗଜା ରୋପାଯାଇଛି। ପେଟ୍ରୋଲ ଲିକ୍ ହୋଇ ଜମିକୁ ଧୀରେ ଧୀରେ ମାଡ଼ି ଯାଉଛି। ଅନ୍ତା ଗାଁର ଚାଷୀ ଶଙ୍କର୍ଷଣ ଆଚାର୍ଯ୍ୟ ରବି ଋତୁର ଫସଲ ଅମଳ ପାଇଁ ଅଣ୍ଟା ଭିଡି ଥିବା ବେଳେ ଜମିରେ ପେଟ୍ରୋଲ ଲିକେଜ ହୋଇ ଚାଷ ନଷ୍ଟ ହେବାକୁ ବସିଛି। ଏହାକୁ ନେଇ ଚାଷୀ ସଙ୍କର୍ଷଣ ଚିନ୍ତାରେ ଥିବା କହିଛନ୍ତି। ଏ ନେଇ ପେଟ୍ରୋଲ ପମ୍ପ ମାଲିକଙ୍କୁ ଜଣେଇବା ସତ୍ତ୍ୱେ କୌଣସି ପଦକ୍ଷେପ ନ ନେବାରୁ ଜୟପୁର ସଦର ଥାନାର ଦାରସ୍ଥ ହେବା ସହ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସଙ୍କର୍ଷଣ ଅଭିଯୋଗ କରିଛନ୍ତି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ସପ୍ତାହେ ବିତିଥିବା ବେଳେ ଏଯାଏ ଯୋଗାଣ ବିଭାଗ ଅଧିକାରୀ ତଦନ୍ତ ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା ଜଣାପଡ଼ିଛି।

## ୭ ମାସ ବିତିଲା: ମନ୍ତ୍ରୀ, ପ୍ରଶାସନ ଭୁଲିଗଲେ ପ୍ରତିଶ୍ରୁତି

**ଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇଲେ ପୀଡ଼ିତାଙ୍କ ମା' ବାପା**

ନବରଙ୍ଗପୁର, ୨।୩(ସଦାଶିବ ପ୍ରହରାଜ)

ରାଇଘରର ନର୍ସିଂ ଛାତ୍ରୀ ମୃତ୍ୟୁ ଘଟଣାକୁ ୭ ମାସ ବିତିବା ସତ୍ତ୍ୱେ ପ୍ରଶାସନ, ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପାଳନ ହେଲା ନାହିଁ। ଏନେଇ ସୋମବାର ମାତୃ ଆଶ୍ରୟ ଆଶ୍ରମ ଅଧ୍ୟକ୍ଷା କାଦମ୍ବନୀ ତ୍ରିପାଠୀଙ୍କ ନେତୃତ୍ୱରେ ମୃତ ଛାତ୍ରୀଙ୍କ ବାପା ଜଗବନ୍ଧୁ ରାୟ ଓ ମାଆ ମିନତୀ ରାୟ ନବରଙ୍ଗପୁର ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କୁ ଭେଟିଛନ୍ତି।

ସୂଚନାନୁଯାୟୀ, ଏକତରଫା ପ୍ରେମ କରି ଜଣେ ଯୁବକ ନର୍ସିଂ ଛାତ୍ରୀଙ୍କୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇଥିଲେ। ପରେ ଛାତ୍ରୀଙ୍କ ଅନ୍ୟ ଯୁବକ ବନ୍ଧୁଙ୍କ ସହିତ ଆପତ୍ତିଜନକ ଫଟୋକୁ ସେ ଭାଇରାଲ କରିଥିଲେ। ଏହି ଘଟଣା ପରେ ଛାତ୍ରୀ ଜଣଙ୍କ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ପ୍ରଥମେ ରାୟପୁର ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୧୬ ଦିନ ପରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ସେତେବେଳେ ୨ଜଣ ଯୁବକଙ୍କୁ ଗିରଫ କରିଥିଲେ। ଏହାକୁ ନେଇ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଜେଡି ଓ କଂଗ୍ରେସ ରାସ୍ତାକୁ ଓହ୍ଲାଇ ଥିଲେ। ରାଇଘର ବ୍ଲକକୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ପରିବାରକୁ ୧ଲକ୍ଷ, ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପକ୍ଷରୁ ନିଜସ୍ୱ ଅର୍ଥ ୧ଲକ୍ଷ, ଆର୍‌ଏମ୍‌ସିରେ ମୃତା ଛାତ୍ରୀଙ୍କ ଭାଇକୁ ଏକ ଚାକରି ଓ ପରିବାର ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସ ଘର ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ୭ ମାସ ପରେ ମଧ୍ୟ ପ୍ରତିଶ୍ରୁତି ପୂରଣ ହୋଇ ନ ଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ହେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହାକୁ ପ୍ରଶାସନ ପକ୍ଷରୁ ନିଶ୍ଚୟ ପୂରଣ କରାଯିବ ବୋଲି ଜିଲାପାଳ କହିଥିଲେ। ଏହା ସହିତ ସମସ୍ତ କାଗଜପତ୍ର ଦେବାକୁ କୁହାଯାଇଥିଲା। ଏଥିପାଇଁ ରାଇଘର ତହସିଲଦାରଙ୍କୁ ତଥ୍ୟ ମଗାଯାଇଥିଲା। ଖୁବ୍ ଶୀଘ୍ର ମୃତ ଛାତ୍ରୀଙ୍କ ପରିବାରକୁ ୧ଲକ୍ଷ ଟଙ୍କା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ଘର ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ସେତେବେଳେ ଆର୍‌ଏମସିରେ ଚାକରି ପ୍ରତିଶ୍ରୁତି ଉପଜିଲାପାଳ ଦେଇଥିଲେ ତେଣୁ ଉପଜିଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି ଜିଲାପାଳ କହିଛନ୍ତି। ପ୍ରତିଶ୍ରୁତି ରକ୍ଷା କରି ମନ୍ତ୍ରୀ ମୃତକଙ୍କ ପରିବାରକୁ ୧ଲକ୍ଷ ଟଙ୍କା ପ୍ରଦାନ କରନ୍ତୁ ବୋଲି ମାତୃ ଆଶ୍ରୟ ଆଶ୍ରମ ଅଧ୍ୟକ୍ଷା କାଦମ୍ବନୀ ତ୍ରିପାଠୀ ଦାବି କରିଛନ୍ତି।

## ବିପଦବେଳେ ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବା ଲକ୍ଷ୍ୟ

**ପାଣିରେ ବୁଡ଼ି ବଞ୍ଚିବାର କୌଶଳ, ସନ୍ତରଣ ତାଲିମ**

ନବରଙ୍ଗପୁର, ୨।୩ (ସଦାଶିବ ପ୍ରହରାଜ)



ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜଣେ ତାଲିମାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ଯୁବପିଢ଼ିଙ୍କ ପାଇଁ ସନ୍ତରଣ ଏବଂ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲାର ଉମରକୋଟସ୍ଥିତ ଏଜିଆର୍ ପ୍ରତିରକ୍ଷା ଏବଂ ଶାରୀରିକ ଏକାଡେମୀରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ୨ଟି ପର୍ଯ୍ୟାୟରେ ୧୮୦ ଜଣିଆ ଅଂଶଗ୍ରହଣକାରୀ (୬ଟି ଦଳ)ଙ୍କୁ କୋରାପୁଟରୁ ଆସିଥିବା ଓଡ୍ରାଫ୍ ଟିମ୍ ପ୍ରଶିକ୍ଷଣ ପ୍ରଦାନ କରିବେ। ଏହି ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣକାରୀଙ୍କୁ କିଭଳି ଭାବରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ଏବଂ ତାହା ସହିତ ଅଂଶଗ୍ରହଣକାରୀଙ୍କ ଖାଇବା, ରହିବା ଆନୁସଙ୍ଗିକ ମୌଳିକ ସୁବିଧା କିଭଳି ଭାବେ ପ୍ରଦାନ କରାଯାଉଅଛି ତାହାକୁ ନିରୀକ୍ଷଣ କରିବା ସକାଶେ ନବରଙ୍ଗପୁର ଜିଲାପାଳ ମହେଶ୍ୱର ସ୍ୱାଇଁ ପହଞ୍ଚି ଥିଲେ। ଅଂଶଗ୍ରହଣକାରୀଙ୍କ ସହିତ ଭାବ ଆଦାନ ପ୍ରଦାନ କରିବା ସହିତ ସେମାନଙ୍କୁ ଉତ୍ସାହିତ କରିବା ସକାଶେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ପହଞ୍ଚି ଥିଲେ। ଅଂଶଗ୍ରହଣକାରୀଙ୍କୁ ରାଜ୍ୟ ସରକାରଙ୍କ ଏହି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ।

# ସମସ୍ୟା ସମାଧାନ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ସୁନାବେଡ଼ା/ସେମିଳିଗୁଡ଼ା, ୨।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ ଗୋଷ୍ଠୀଗତ ଓ ୨୦ ବ୍ୟକ୍ତିଗତ ମୋଟ ୬୦ ଅଭିଯୋଗ ଶୁଣାଣି ହୋଇଥିଲା। ୪ ସମସ୍ୟାକୁ ଶିବିରରେ ସମାଧାନ କରାଯାଇ ଅନ୍ୟ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ମହାଜନ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟ ଜଳ, ମୋବାଇଲ ଟାୱାର, ଜମିଜମା, ବ୍ରିଜ ନିର୍ମାଣ ଓ ଆବାସ ଘର ସହିତ ପଞ୍ଚାୟତର ବିଭିନ୍ନ ଉନ୍ନୟନ ସମ୍ପର୍କିତ ସମସ୍ୟା ରହିଥିଲା। ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ଲକର ସହଯୋଗୀ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରି, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ (ସିଡିଓ)ବେଣୁଧର ଶବର, ଡିଏଫ୍‌ଓ କେ.ଭି.ଭାସ୍କର ରାଓ,ପିଏଆଇଟିଡିଏ ସ୍ନେହପ୍ରଭା ମାଝୀ, ଏସ୍‌ପି ରୋହିତ ବର୍ମା, ସେମିଳିଗୁଡ଼ା ବିଡିଓ ଯସ୍ମୀନ ପ୍ରଧାନ, ତହସିଲଦାର ଦେବବ୍ରତ କରାଡି, ସୁନାବେଡ଼ା ପୋର ପରିଷଦ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଶୁଣାଣିରେ ରାଜପୁଟ ପଞ୍ଚାୟତ ରୋଷେଇପୁଟ–ସୁରୁଗୁନାପୁଟ ରାସ୍ତାରେ ବ୍ରିଜ ନିର୍ମାଣ, ଦଲେଇଗୁଡ଼ା ପଞ୍ଚାୟତରେ ମୋବାଇଲ ଟାୱାର ସମସ୍ୟା ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରି ଅଭିଯୋଗ କରିଥିଲେ। ଚାରାଗୁଲ ପଞ୍ଚାୟତ ଅଧୀନ ଅନେକ ଗାଁର ଚାଷଜମି ଓ ନଦୀନାଳରେ ନାଲକୋ କମ୍ପାନୀର କଷ୍ଟିକ ପାଣି ମାଡି କ୍ଷତି ହେବା ସହ ମାଛ ଓ ଜୀବଜନ୍ତୁଙ୍କ ଜୀବନ ହାନି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଲୁଙ୍ଗୁରି ଗାଁର କମଳା ଚେଟି ଘର ପାଇଁ ନିବେଦନ କରିଥିଲେ। ଭାରତମାଳା ପ୍ରକଳ୍ପରେ ଜମି ହରାଇଥିବା କ୍ଷତିଗ୍ରସ୍ତ ପରିବାରକୁ ଟଙ୍କା ମିଳି ନ ଥିବା ଅଭିଯୋଗ ହୋଇଥିଲା। ରତ୍ନମଞ୍ଜରୀ ଓଡିଶା ଗ୍ରାମିଣ ବ୍ୟାଙ୍କ ଦ୍ୱାରା ଘର ନିଲାମ ଅର୍ଥ ଜମା ସତ୍ତ୍ୱେ ବ୍ୟାଙ୍କ କର୍ତ୍ତୃପକ୍ଷ ସମ୍ପୃକ୍ତ ନିଲାମଧାରୀଙ୍କୁ ଘର ନ ଦେବା ଅଭିଯୋଗ କରିଥିଲେ। କୁମାରଗୁଡ଼ା ଗାଁରେ ପାଣି ଓ ରାସ୍ତା ସମସ୍ୟାକୁ ନେଇ ଭୀମ ଭୋଇ ଅଭିଯୋଗ କରିଥିଲେ। ସାନବୋଡ଼େଙ୍ଗା ଗ୍ରାମବାସୀ କୃଷି ବିଭାଗର ନିର୍ମାଣ ବାଉଣ୍ଡ୍ରି ୱାଲକୁ ବନ୍ଦ କରିବାକୁ ଅଭିଯୋଗ କରିଥିଲେ। ସେମିଳିଗୁଡ଼ା ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ ବେଳେ ଖୋଳା ଯାଇଥିବା ମାଟିକୁ ରାସ୍ତାକଡ଼ ଦୋକାନଗୁଡିକ ସମ୍ମୁଖରେ ଗଦା ହୋଇଥିବାରୁ ବ୍ୟବସାୟୀ ଅଭିଯୋଗ କରିଥିଲେ। ସୁନାବେଡ଼ା ୭ ନଂ ୱାର୍ଡରେ ଡମ୍ପିୟାର୍ଡ ଯୋଗୁ ପରିବେଶ ଦୂଷିତ ହେଉଥିବା ଅଭିଯୋଗ ରହିଥିଲା। ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଚଞ୍ଚକତା କରି ସରକାରୀ ଅର୍ଥ ହଡପ କରିଥିବା ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଜିଲାପାଳ ମହାଜନ ବ୍ଲକ ପରିସରରେ ମିଶନଶକ୍ତି ଦ୍ୱାରା ଆୟୋଜିତ ଋଣମେଳା ଶୁଭାରମ୍ଭ କରିଥିଲେ। ଏଥିରେ ସେମିଳିଗୁଡ଼ା, ସୁନାବେଡା ଓ କୁନ୍ଦୁଲି ଅଞ୍ଚଳର ପ୍ରାୟ ୧୬୧ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ୮ କୋଟି ୧୧ ଲକ୍ଷ ୫୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ।



ଶିବିରରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ।

# ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ



ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣଙ୍କୁ ଟିକା ଦିଆଯାଉଛି ।

ନନ୍ଦପୁର, ୨।୩ (ତୁଷାର କାନ୍ତ ମହାନ୍ତି)

କିଶୋରୀମାନଙ୍କୁ ସର୍ଭାଇକାଲ କ୍ୟାନ୍ସରରୁ ସୁରକ୍ଷିତ ରଖିବାକୁ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍‌ପିଭି) ଟିକାକରଣ ନନ୍ଦପୁର ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଶୁଭାରମ୍ଭ ହୋଇଛି। ବିଡିଓ ଦୁର୍ଗା ପ୍ରସାଦ ଦୋରା, ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର ସନ୍ଦୀପ ପଣ୍ଡା, ବିପିଏମ୍ ନୂତନ କୁମାରୀ ସିଂ ପ୍ରମୁଖ ଟିକାକରଣ ଶୁଭାରମ୍ଭ କରିଥିଲେ। ଟିକାକରଣର ପ୍ରଥମ ଦିନରେ ୧୪ଜଣ କିଶୋରୀଙ୍କୁ ଟିକା ଦିଆଯାଇଥିଲା। ଆଗାମୀ ଦିନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୨୬ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚ୍‌ପିଭି ଟିକା ୧୪ ବର୍ଷରୁ ଊର୍ଦ୍ଧ୍ୱ କିଶୋରୀଙ୍କୁ ପ୍ରଦାନ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ, ପିଏଚଇଓ ଏବଂ ଆଶାକର୍ମୀ ଉପସ୍ଥିତ ଥିଲେ।

# ୪ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଦାବି



ଜନଶୁଣାଣିରେ ଅଧିକାରୀମାନେ ଲୋକଙ୍କ ସମସ୍ୟା ଶୁଣୁଛନ୍ତି।

ନନ୍ଦପୁର, ୨।୩ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ବିଲାପୁଟ ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଛି। ଶିବିରରେ ପଞ୍ଚାୟତବାସୀ ପିଡବ୍ଲ୍ୟୁଡି ରାସ୍ତାଠାରୁ ସାବୁନ ନଦୀଘାଟ, ରାସ୍ତା, କୁମୁଡ଼ାପୁଟରୁ ପାଙ୍ଗିପୁଟ, ପିଡବ୍ଲୁଡି ରୋଡରୁ ଅଣ୍ଟାବିର, ପାତ୍ରପୁଟ ନୁଆପୁଟ ଗ୍ରାମକୁ ରାସ୍ତା ନିର୍ମାଣ, ୫ ବର୍ଷ ହେବ ନିର୍ମାଣାଧୀନ ବିଲାପୁଟ ପିଡବ୍ଲ୍ୟୁଏସ୍ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା, ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା, ଲାମାଡ୍ରର ଗ୍ରାମକୁ ବିଦ୍ୟୁତ୍ ସଂଯୋଗ, ସୁରୁମି, ଜୋଲାପୁଟ, ଖିନମୁଙ୍ଗ ବି, ସାବୁନ ୪ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଅଭିଯୋଗ ହୋଇଥିଲା। ୮ ଗୋଟି ଅଭିଯୋଗ ପତ୍ର ବିଡିଓ ଦୁର୍ଗା ପ୍ରସାଦ ଦୋରା, ସରପଞ୍ଚ ରାଜେଶ ଲେନ୍ଧୁ, ସମିତିସଭ୍ୟ ଯୋଗେଶ୍ୱର ଖେମୁଣ୍ଡୁଙ୍କୁ ପ୍ରଦାନ କରିଥିଲେ। ଜିଲା ଓ ବ୍ଲକ୍‌ସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି। ପଞ୍ଚାୟତ ପିଇଓ ଏବଂ ଡିଇଓ ଶିବିର ପରିଚାଳନା କରିଥିଲେ।

# ଜାମୁଣ୍ଡାରେ ଜନଶୁଣାଣି ଶିବିର

ଜୟପୁର, ୨।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ ଜାମୁଣ୍ଡାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶକ୍ତି ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣୀ ପଣ୍ଡା, ସରପଞ୍ଚ ମନଧର ଗାଦବା, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସସ୍ମିତା ପରିଡ଼ା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ପାନୀୟ ଜଳ ସମସ୍ୟା ସହ ଅଙ୍ଗନୱାଡି କେନ୍ଦ୍ର ମରାମତି କରିବାକୁ ଦାବି କରିଥିଲେ। ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବା ନେଇ ସଚେତନ କରିଥିଲେ।

# ଦୋଳ ମଣ୍ଡପରେ ବିଧି ମୁତାବକ ପୂଜାର୍ଚ୍ଚନା

ନନ୍ଦପୁର, ୨।୩ (ତୁଷାର କାନ୍ତ ମହାନ୍ତି)

## ଦୋଳପୂର୍ଣ୍ଣିମା, ହୋଲି ପାଇଁ ନନ୍ଦପୁର ଉତ୍ସବମୁଖର

କୋରାପୁଟ ଜିଲା ନନ୍ଦପୁର ଦୋଳ ପୂର୍ଣ୍ଣିମା, ହଳପୋଡା ଯାତ୍ରା ଓ ହୋଲି ପାଇଁ ଚଳଚଞ୍ଚଳ ହୋଇଛି। ନନ୍ଦପୁର ଜଗନ୍ନାଥ ମନ୍ଦିର ପରିସର ଓ ମାଉସୀ ମା' ମନ୍ଦିର ପାର୍ଶ୍ୱ ଦୋଳ ମଣ୍ଡପ ଉତ୍ସବ ମୁଖର ହୋଇଛି। ବିମାନ ସେବାୟତ ଚଳନ୍ତି ପ୍ରତିମାଙ୍କୁ ବିମାନ ଯୋଗେ ଦୋଳ ମଣ୍ଡପକୁ ନେଇ ବିଧି ମୁତାବକ ପୂଜାର୍ଚ୍ଚନା, ରାଜଶ୍ରୀ(ହଳ ପୋଡା) ଲାଗି ବିଧି, କାନ୍ଦୁଲ ଭଜା ଓ ନୂତନ ପଞ୍ଜିକା ପଠନ ବିଧି ପାଳନ କରିବାକୁ ପ୍ରସ୍ତୁତି କରିଛନ୍ତି। ଦୋଳପୂର୍ଣ୍ଣିମା କମିଟି ପକ୍ଷରୁ ରବିବାର ରାତିରେ ନନ୍ଦପୁର ହଳପୋଡ଼ା ଯାତ୍ରାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ହୋଲି ପାଳନ ପାଇଁ ଏକାଧିକ ଦୋକାନରେ ରଙ୍ଗଅବୀର ବିକ୍ରି କରାଯାଉଛି। ଅପ୍ରୀତିକର ପରିସ୍ଥିତି ନ ହେବା ପାଇଁ ନନ୍ଦପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଲୋକଙ୍କ ମନୋରଞ୍ଜନ ପାଇଁ କମିଟି ପକ୍ଷରୁ ୨ ଆଦିବାସୀ ନାଚ ଓ ନନ୍ଦପୁର ଯୁବ ବିକାଶ ପରିଷଦ ପକ୍ଷରୁ ମେଲୋଡି ଆୟୋଜନ କରାଯାଇଛି।


ନନ୍ଦପୁର ଦୈନିକ ବଜାରରେ ରଙ୍ଗ ବିକ୍ରି କରାଯାଉଛି ।

# ଜଙ୍ଗଲରୁ ୩ କୁଇଣ୍ଟାଲ ଗଞ୍ଜେଇ ଜବତ


ଜବତ ଗଞ୍ଜେଇ।

କୋରୁକୋଣ୍ଡା, ୨।୩(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିମଟାପାଲ୍ଲୀ ପଞ୍ଚାୟତ ଅଧୀନ ଅମ୍ବାଗୁଡା ଜଙ୍ଗଲରେ ମାଫିଆଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ୩ କୁଇଣ୍ଟାଲ ଗଞ୍ଜେଇକୁ ସୋମବାର ଓର୍କେଲ ପୋଲିସ ଜବତ କରିଛି। ବ୍ୟବସାୟୀମାନେ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ଜଙ୍ଗଲ ମଧ୍ୟରେ ୧୨ଟି ଜରିବସ୍ତାରେ ଗଞ୍ଜେଇକୁ ଲୁଚାଇ ରଖିଥିଲେ ବୋଲି ପୋଲିସ କହିଛି।

ସୂଚନା ମୁତାବକ ଥାନା ଅଧିକାରୀଙ୍କ ଦାୟିତ୍ୱରେ ଥିବା ଏସ୍‌ଆଇ ଅଜିତ ସିଂ ବରିହାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ସୋମବାର ସକାଳେ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ଆମ୍ବାଗୁଡା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଉକ୍ତ ରାସ୍ତା ପାର୍ଶରେ ଥିବା ଜଙ୍ଗଲରେ ୧୨ଟି ଜରି ବସ୍ତାରେ କିଛି ସାମଗ୍ରୀ ଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ପୋଲିସର ଏହି ଟିମ୍ ଉକ୍ତ ବସ୍ତାଗୁଡିକ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଦେଖି ଜବତ କରି ଥାନାକୁ ଆଣିଥିଲେ। ଏ ନେଇ ପୋଲିସ ପକ୍ଷରୁ ଥାନାରେ କେସ୍ ନମ୍ବର ୬୨/୨୬ ରେ ଏକ ମାମଲା ରୁଜୁ କରାଯାଇଛି। ମାଜିଷ୍ଟ୍ରେଟ ଭାବେ ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ାଙ୍କ ଉପସ୍ଥିତିରେ ଜବତ ହୋଇଥିବା ଗଞ୍ଜେଇକୁ ଓଜନ କରାଯିବାରୁ ମୋଟ ୩୦୦ କିଲୋ ଗଞ୍ଜେଇ ଥିବା ଜଣାପଡ଼ିଛି। ଏହି ଘଟଣାରେ କେହି ଗିରଫ ହୋଇନାହାନ୍ତି। ଘଟଣାରେ କେଉଁମାନଙ୍କସମ୍ପୃକ୍ତି ରହିଛି ତାହା ଜାଣିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଏସ୍‌ଆଇ ବରିହା କହିଛନ୍ତି।

# ୩୪ ଅଭିଯୋଗ ଶୁଣିଲେ ଜିଲାପାଳ

ମାଲକାନଗିରି, ୨।୩ (ସୁଚିତ୍ରା ଦାସ)

ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଏଫ୍‌ଏଲସି ହଲଠାରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ସୋମବାର ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୩୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରୁ ୨୬ଟି ବ୍ୟକ୍ତିଗତ ଓ ୮ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ଜିଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦରଖାସ୍ତଗୁଡିକ ପ୍ରଦାନ କରଥିଲେ। ଏଥିସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ତାଙ୍କ ଅବଗତ ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଅତିରିକ୍ତ ଜିଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ।


ଜଣେ ବ୍ୟକ୍ତି ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି ।

# ଶିକ୍ଷକ ପ୍ରଶାନ୍ତଙ୍କୁ ଗୋପବନ୍ଧୁ ଶିକ୍ଷା ଗୌରବ ସମ୍ମାନ

ଏମ୍‌ଭି–୭୯, ୨।୩ (ଆଶିଷ ବାଇନ)

କଟକରେ ଆୟୋଜିତ ଜାତୀୟ ଶିକ୍ଷାନୀତି ସମୀକ୍ଷା ସମ୍ମିଳନୀ–୨୦୨୬ରେ ମାଲକାନଗିରି ଜିଲା ଏମ୍‌ଭି–୮୦ ଗ୍ରାମର ଆଦର୍ଶ ଶିକ୍ଷକ ପ୍ରଶାନ୍ତ ସରଦାରଙ୍କୁ ଗୋପବନ୍ଧୁ ଶିକ୍ଷା ଗୌରବ ସମ୍ମାନ–୨୦୨୬ରେ ସମ୍ମାନିତ କରାଯାଇଛି। କୈବଲ୍ୟ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ତାଙ୍କୁ ମାନପତ୍ର ଓ ସ୍ମାରକ ପ୍ରଦାନ କରାଯାଇଥିଲା। କଟକ ମହାନଗର ନିଗମର ମେୟର ସୁବାସ ସିଂହ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପରମହଂସ ବ୍ରହ୍ମାନନ୍ଦ ସରସତୀ ମହାରାଜ ଯୋଗଦେଇ ଜାତୀୟ ଶିକ୍ଷାନୀତିର କାର୍ଯ୍ୟାନ୍ୱୟରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ, ପ୍ରଶାନ୍ତ ସରଦାର ଗରିବ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ନିଶୁଳ୍କ ଶିକ୍ଷାଦାନ କରିଆସୁଛନ୍ତି। ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ସକ୍ରିୟ ଭୂମିକା ତାଙ୍କୁ ଜିଲାରେ ସମ୍ମାନନୀୟ ଶିକ୍ଷକ ଭାବେ ପରିଚିତ କରାଇଛି।


ଶିକ୍ଷକ ପ୍ରଶାନ୍ତ ସରଦାର।

# ଜରାଜୀର୍ଣ୍ଣ ଅବସ୍ଥାରେ ଖଡ଼ିକାଯୋଡ଼ି ଯାତ୍ରୀ ପ୍ରତୀକ୍ଷାଳୟ

କୋରୁକୋଣ୍ଡା, ୨।୩(ଶିବଦତ୍ତ ସାହୁ )

## ଦୁର୍ଦ୍ଦଶା ଭୋଗୁଛନ୍ତି ଯାତ୍ରୀ

ଲୋକଙ୍କ ସୁବିଧା ପାଇଁ ପୂର୍ବ ସରକାରଙ୍କ ପକ୍ଷରୁ ଲକ୍ଷ୍ମୀ ବସ୍ ଯୋଜନାରେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ନାକାମାମୁଡି ପଞ୍ଚାୟତ ଅଧୀନ ବାଲିମେଳା–ଡାଇକ–୩ ମୁଖ୍ୟ ରାସ୍ତା ପାର୍ଶ୍ୱ ତଥା ଖଡ଼ିକାଯୋଡି ଗାଁ ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲା। କିନ୍ତୁ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ରକ୍ଷଣାବେକ୍ଷଣ ଦିଗରେ ଦୃଷ୍ଟି ଦିଆ ନ ଯିବାରୁ ଉକ୍ତ ବିଶ୍ରାମାଗାର ଜରାଜୀର୍ଣ୍ଣ ହୋଇ ପଡ଼ିଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ବିଶ୍ରାମାଗାରରେ ଲାଗିଥିବା ଚେୟାର ଓ ଷ୍ଟିଲଗୁଡିକ ଭାଙ୍ଗି କିଛି ଦିନ ପଡି ରହିବା ପରେ ସେଗୁଡିକ କେଉଁଆଡେ ଅଦୃଶ୍ୟ ହୋଇଯାଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉକ୍ତ ପ୍ରତୀକ୍ଷାଳୟ ପରିସରରେ ଅଳିଆ ଅବର୍ଜନା ପଡି ରହିବା ସହିତ ଏହା ଏବେ ବୁଲା ଗୋରୁ ଏବଂ ଅନ୍ୟ ଗୃହପାଳିତ ପଶୁଙ୍କର ଆଶ୍ରୟସ୍ଥଳୀ ପାଲଟିଛି। ମୁଖ୍ୟତଃ ଯାତ୍ରୀ ପ୍ରତୀକ୍ଷାଳୟରେ ଯାତ୍ରୀଙ୍କ ବିଭିନ୍ନ ଅଞ୍ଚଳକୁ ଯାତାୟତ କରିବା ନିମନ୍ତେ ବସ୍‌ଗୁଡିକର ରୁଟ ଚାର୍ଟ, ସମୟ ସାରଣୀ ମାନଚିତ୍ରର ସୂଚନା ଫଳକ ସ୍ଥାନିତ କରାଯିବା କଥା। କିନ୍ତୁ ଏହି ଯାତ୍ରୀ ପ୍ରତୀକ୍ଷାଳୟରେ ଏଭଳି କୌଣସି ସୂଚନା ଫଳକ ଲଗା ଯାଇନାହିଁ। ଫଳରେ କେଉଁ ବସ୍ କେଉଁ ସମୟରେ ଏହି ରାସ୍ତା ଦେଇ କେଉଁ ଅଞ୍ଚଳକୁ ଯାତାୟତ କରୁଛି ସେ ସମ୍ପର୍କରେ ଯାତ୍ରୀମାନେ ସୂଚନା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କେତେଜଣ ଯାତ୍ରୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନାକାମାମୁଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାସ୍କର ଖରାଙ୍କୁ ପଚାରିବାରୁ ପ୍ରତୀକ୍ଷାଳୟର ସ୍ଥିତି ଅନୁଧ୍ୟାନ କରିବା ପରେ ଏହାର ତୁରନ୍ତ ମରାମତି କରାଯିବ ବୋଲି ସେ କହିଛନ୍ତି।



ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ।

# ବାଳିକାଙ୍କ ପାଇଁ ସନ୍ତରଣ ପ୍ରଶିକ୍ଷଣ ଶିବିର ଆରମ୍ଭ

ମାଲକାନଗିରି, ୨।୩(ସୁଚିତ୍ରା ଦାସ)

ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୁଲ୍ୟରେ ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଜିଲାରେ ପ୍ରଥମ ଥର ବାଳିକାମାନଙ୍କ ପାଇଁ ସନ୍ତରଣ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଜିଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଅତିରିକ୍ତ ଜିଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଉପସ୍ଥିତ ଥିଲେ। ପାଣିରେ ବୁଡ଼ି କୌଣସି ପ୍ରାଣହାନିଜନିତ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ଯୁବପୀଢୀଙ୍କ ପାଇଁ ଉପଯୋଗୀ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସପ୍ତମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିରରେ ୩୦ ଜଣିଆ ଅଂଶ ଗ୍ରହଣକାରୀଙ୍କୁ ଓଡ୍ରାଫ ଟିମ ଦ୍ୱାରା ୨ ରୁ ୭ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବ। ପ୍ରଶିକ୍ଷଣର ପ୍ରଥମ ଦିନ ଥିଓରୀ ଜ୍ଞାନ ପ୍ରଦାନ କରାଯାଇଥିବା ବେଳେ ମଙ୍ଗଳବାର ବଣ୍ଡା ବାକୁଲି ବନ୍ଧଠାରେ ସନ୍ତରଣ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଜରୁରୀକାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଛାତ୍ରୀମାନେ ।

